RNI No.ODIODI/2010/33031
୧୬ ବର୍ଷ Volume-16
ISSUE -258 ସଂଖ୍ୟା-୨୫୮
ଭୁବନେଶ୍ୱର, ସୋମବାର ୨୯ ଡିସେମ୍ବର ୨୦୨୫
Bhubaneswar, Monday 29 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com
RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ପାରମ୍ପରିକ କଳାକାରଙ୍କ ପାଇଁ ଖୁସି ଖବର

କେନ୍ଦୁଝର/ଭୁବନେଶ୍ୱର, ୨୮।୧୨(ନି.ପ୍ର): ରାଜ୍ୟର ପାରମ୍ପରିକ କଳାକାରଙ୍କ ପାଇଁ ଖୁସିର ଖବର। ୨୦୨୫ ଶେଷ ହୋଇ ୨୦୨୬ ଆରମ୍ଭ ହେଉଥିବା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାକାର ମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି। ଆଜି କେନ୍ଦୁଝରର ପାର୍କଲେନ ଠାରେ ଆୟୋଜିତ ୪୮ ତମ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହା ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟ କଳାକାର ଓ ସେମାନଙ୍କ ପରିବାର ବର୍ଗଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି।



**୪୦ ରୁ ୮୦ ବର୍ଷ କଳାକାରଙ୍କ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି**

**୮୦ ବର୍ଷରୁ ଉର୍ଦ୍ଧ୍ୱ କଳାକାରଙ୍କ ଭତ୍ତା ହେଲା ମାସକୁ ୩୫୦୦**

ଓଡ଼ିଆ। ଅସ୍ମିତାର ସୁରକ୍ଷା ଓ ପ୍ରଚାର ପ୍ରସାର କରୁଥିବା କଳାକାର ମାନଙ୍କ ସମ୍ମାନରେ ଏହି ଭତ୍ତା ବୃଦ୍ଧି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ମାନଙ୍କ ଭତ୍ତା ବୃଦ୍ଧି ହୋଇଛି। ଏହି ନିଷ୍ପତ୍ତି ଅନୁଯାୟୀ ୪୦ ରୁ ୮୦ ବର୍ଷ ବୟସ୍କ କଳାକାର ମାନଙ୍କ ଭତ୍ତା ମାସକୁ ୨୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି ପାଇଛି ସେହିପରି ୮୦ ବର୍ଷରୁ ଅଧିକ ବୟସର କଳାକାର ମାନଙ୍କ ମାସିକ ଭତ୍ତା ୨୫୦୦ ଟଙ୍କାରୁ ୩୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏହାଦ୍ୱାରା ରାଜ୍ୟର ୪୭,୭୦୪ ଜଣ କଳାକାର ଓ ସେମାନଙ୍କ ପରିବାର ବର୍ଗ ଉପକୃତ ହେବେ।

ନିଜ ଅଭିଭାଷଣରେ "ଓଡ଼ିଆ। ଭାଷାର ସୁରକ୍ଷା ଓ ପ୍ରସାର ପାଇଁ ପାଲାର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପାଲା କଳାକାର ମାନଙ୍କ ଯୋଗୁ ଓଡ଼ିଆ। ଲୋକ ସାହିତ୍ୟ ଜୀବନ୍ତ ହୋଇଛି ତେଣୁ, ଏଭଳି ଏକ ସମୃଦ୍ଧ ଲୋକକଳା ବଞ୍ଚାଇ ରଖି ଏହାର ଅଭିବୃଦ୍ଧି ଦିଗରେ ଚେଷ୍ଟା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଆଜି ଓଡ଼ିଶାର ଅନ୍ୟତମ ଆଧ୍ୟାତ୍ମିକ ଓ ବିଦଗ୍ଧ ଲୋକକଳା ପାଲାର ୪୮ତମ ରାଜ୍ୟ ସ୍ତରୀୟ ମହା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଓଡ଼ିଆ। ଅସ୍ମିତା ସମ୍ମାନରେ ସମ୍ମାନିତ କରାଯାଇଛି।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଓଡ଼ିଶାର ଲୋକନୃତ୍ୟ, ନାଟକ, କାବ୍ୟ ଆଦିରେ ସଙ୍ଗୀତର ଅଖଣ୍ଡ ପ୍ରଭାବ ପରିଲକ୍ଷିତ ହୋଇଥାଏ ଆଉ ପାଲା ହେଉଛି ସେହି ସଙ୍ଗୀତର ଅମୃତ ପରିପ୍ରକାଶ ଏହା ହେଉଛି ଓଡ଼ିଶାର ଏକ ବିଶିଷ୍ଟ ସାରସ୍ୱତ କଳା ଓ ସାଧନା, ଯାହା ପିଢ଼ି ପରେ ପିଢ଼ି ଓଡ଼ିଶାର ଜନଜୀବନ ଓ ସାଂସ୍କୃତିକ ଚେତନା ସହିତ ନିବିଡ଼ ସମ୍ପର୍କ ରଖିଆସିଛି। ପାଲା ହେଉଛି ଗୀତ, ନୃତ୍ୟ, ବାଦ୍ୟ, ପାଣ୍ଡିତ୍ୟ, ଆଶୁ କବିତ୍ୱ, ମନୋରଞ୍ଜନ ଓ ପ୍ରତିଭାର ମିଳନ ପୀଠ ବିଧିବଦ୍ଧ ଆଲୋଚନା, ପାଣ୍ଡିତ୍ୟପୂର୍ଣ୍ଣ ତର୍କ, ସଂସ୍କୃତି ଓ ଭାଷାର ମୂଲ୍ୟାୟନରେ ହିଁ ଓଡ଼ିଶାର ପାଲା ସଂସ୍କୃତି ପରିପୂର୍ଣ୍ଣ । ଓଡ଼ିଆ ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଚଳଣିର ଭିତ୍ତିଭୂମିକୁ ସୁଦୃଢ଼ କରିଛି ପାଲା ପ୍ରାୟ ୯୦ ଦଶକ ପର୍ଯ୍ୟନ୍ତ ପାଲାକୁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ପ୍ରଚାର ପ୍ରସାର ତଥା ଜନସଚେତନତା ଉଦ୍ଦେଶ୍ୟରେ ବହୁଳ ଭାବେ ବ୍ୟବହାର କରାଯାଉଥିଲା। ପାଲା ମାଧ୍ୟମରେ ଓଡ଼ିଶାର ଜନସାଧାରଣ ସତ୍ୟ, ଧର୍ମ, କରୁଣା, ସାମାଜିକ ସମତା ଓ ନୀତି ଶିକ୍ଷାର ପାଠ ଶିଖୁଥିଲେ ଏହା ଅନେକ ସମୟରେ କୁସଂସ୍କାର, ଅନ୍ୟାୟ ଓ ଅସମାନତା ବିରୋଧରେ ଲୋକଙ୍କୁ ସଚେତନ କରିଛି ବୋଲି ସେ କହିଥିଲେ ।

## ମହାପ୍ରଭୁଙ୍କୁ ରାତି ଅନିଦ୍ରା ନିଷ୍ପତ୍ତିକୁ ବିରୋଧ

ଭୁବନେଶ୍ୱର,୨୮।୧୨(ନି.ପ୍ର): ଜାନୁଆରୀ ୧ ତାରିଖରେ ମଧ୍ୟରାତ୍ରରୁ ଶ୍ରୀଜଗନ୍ନାଥ ମନ୍ଦିର ଖୋଲିବା ପ୍ରସ୍ତାବକୁ ନେଇ ବିରୋଧ ପ୍ରକାଶ ପାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମହେଶ କୁମାର ସାହୁ ଏହି ପ୍ରସ୍ତାବକୁ 'ଧାର୍ମିକ ଓ ପରମ୍ପରାଗତ ଦୃଷ୍ଟିକୋଣରୁ ଆଦୌ ସମୀଚିନ ନୁହେଁ' ବୋଲି କହି ଗଜପତି ମହାରାଜା, ରାଜ୍ୟ ଆଇନ ମନ୍ତ୍ରୀ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖି ବିରୋଧ ଜଣାଇଛନ୍ତି। ଚିଠିରେ ଶ୍ରୀ ସାହୁ ଉଲ୍ଲେଖ କରିଛନ୍ତି ଯେ, ପ୍ରତିବର୍ଷ ଜାନୁଆରୀ ୧ ତାରିଖକୁ ନେଇ ମଧ୍ୟରାତ୍ରରୁ ମନ୍ଦିର ଖୋଲିବା ପ୍ରସ୍ତାବ ଆସୁଥିବା ସହ ଧର୍ମଶାସ୍ତ୍ରବିତ ଓ ସଂସ୍କୃତି ବିଶାରଦମାନେ ଏହାକୁ ନେଇ ନିରନ୍ତର ଆପତ୍ତି ପ୍ରକାଶ କରୁଛନ୍ତି। ଏହି ପ୍ରଥା ମହାପ୍ରଭୁଙ୍କ ପାରମ୍ପରିକ ନୀତିକାନ୍ତି ଓ ଧାର୍ମିକ ମର୍ଯ୍ୟାଦାର ବିରୁଦ୍ଧାଚରଣ କରୁଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମହାପ୍ରଭୁଙ୍କୁ ରାତି ଅନିଦ୍ରା କରାଯିବା କୌଣସି ଭାବେ ଉଚିତ୍ ନୁହେଁ। ମହାପ୍ରଭୁଙ୍କ ସ୍ୱାଭାବିକ ଦୈନନ୍ଦିନ ନୀତିକାନ୍ତି ଓ ପାରମ୍ପରିକ ପୂଜାବିଧିକୁ ଅକ୍ଷୁଣ୍ଣ ରଖିବା ପାଇଁ ସାଧାରଣ ଦିନମାନଙ୍କ ପରି ମନ୍ଦିର ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍

## ପାର୍ବତୀ ଗିରି ପଶ୍ଚିମ ଓଡ଼ିଶାର ମଦର ଟେରେସା

ନୂଆଦିଲ୍ଲୀ, ୨୮।୧୨(ନି.ପ୍ର.): ସ୍ୱାଧୀନତା ସଂଗ୍ରାମୀ, ପଶ୍ଚିମ ଓଡ଼ିଶାର ମଦର ଟେରେସା ଆଜି ମନ୍ କି ବାତ୍‌ରେ ପାର୍ବତୀ ଗିରିଙ୍କ କଥା କହିଛନ୍ତି ପ୍ରଧାନମନ୍ତ୍ରୀ। ଦେଶ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଏବଂ ସମାଜସେବାରେ ଜୀବନବ୍ୟାପୀ ସମର୍ପଣ ଉପରେ ଗୁରୁତ୍ୱାରୋପ କରିଛନ୍ତି ମୋଦୀ। ଜାନୁଆରୀରେ ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯିବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ।

ଆସନ୍ତା ମାସରେ ଦେଶ ପାଳିବ ୭୭ ତମ ଗଣତନ୍ତ୍ର ଦିବସ । ଆଉ ସେହି ଜାନୁଆରିରେ ହିଁ ପାଳନ ହେବ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ । ଆଜି ମନ୍ କି ବାତ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାର୍ବତୀ ଗିରିଙ୍କୁ ମନେ ପକାଇଛନ୍ତି। ମାତ୍ର ୧୬ ବର୍ଷ ବୟସରେ ସେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ସ୍ୱାଧୀନତା ଆନ୍ଦୋଳନ ପରେ ପାର୍ବତୀ ଗିରି ନିଜ ଜୀବନ ସମାଜସେବା ଓ ଜନଜାତି କଲ୍ୟାଣ ପ୍ରତି ସମର୍ପି ଥିଲେ। ତାଙ୍କ ଜୀବନ କାହାଣୀ ସବୁ ପିଢ଼ିକୁ ମାର୍ଗଦର୍ଶନ କରିବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ୧୯ ଜାନୁଆରି ୧୯୨୬ ଜନ୍ମଗ୍ରହଣ କରିଥିଲେ ପାର୍ବତୀ ଗିରି ପଶ୍ଚିମ ଓଡ଼ିଶାର ମଦର ଟେରେସା ଭାବେ ସେ ବେଶ୍ ଲୋକପ୍ରିୟ ଥିଲେ। ମହିଳା ସ୍ୱାଧୀନତା ସଂଗ୍ରାମୀ ଭାବେ ସେ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ବ୍ରିଟିସ୍ ଶାସନକୁ ବିରୋଧ କରି ସେ ଦୁଇବର୍ଷ ଜେଲରେ କାଟିଥିଲେ । ନିଜର ଶେଷ ଜୀବନ ଅନାଥମାନଙ୍କର ମଙ୍ଗଳ ପାଇଁ ସମର୍ପି ଦେଇଥିଲେ ଅନେକ ଅନାଥାଶ୍ରମ ସ୍ଥାପନ କରିଛନ୍ତି ପାର୍ବତୀ ଗିରି ସମାଜସେବା ପାଇଁ ସମ୍ବଲପୁର ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନଜନକ ଡକ୍ଟରେଟ୍ ସମ୍ମାନ ମିଳିଛି ।

'ମନ କୀ ବାତ' କାର୍ଯ୍ୟକ୍ରମର ୧୨୯ତମ ଏପିସୋଡ୍‌ରେ ସେ ୨୦୨୫ ମସିହାର ଅନେକ ସ୍ମରଣୀୟ ମୁହୂର୍ତ୍ତକୁ ସ୍ମରଣ କରିଥିଲେ। ଏଥିରେ ୨୦୨୫ ଆଇସିସି ଚାମ୍ପିଆନ୍ସ ଟ୍ରଫିରେ ପୁରୁଷ କ୍ରିକେଟ୍ ଦଳର ବିଜୟ, ପ୍ରଥମଥର ପାଇଁ ମହିଳା କ୍ରିକେଟ୍ ବିଶ୍ୱକପ୍ ଟାଇଟେଲ, ମହିଳା ବ୍ଲାଇଣ୍ଡ ଟି୨୦ ବିଶ୍ୱକପ୍, ଏସିଆ କପ୍ ଟି୨୦ରେ ସଫଳତା, ପ୍ୟାରା ଖେଳାଳିମାନଙ୍କ ପଦକ, ଶୁଭାଂଶୁ ଶୁକ୍ଲାଙ୍କ ଆନ୍ତର୍ଜାତୀୟ ଅନ୍ତରିକ୍ଷ କେନ୍ଦ୍ର (ଆଇଏସଏସ) ପହଞ୍ଚିବାରେ ପ୍ରଥମ ଭାରତୀୟ ହେବା, ପ୍ରୟାଗରାଜ ମହାକୁମ୍ଭ ଓ ଅଯୋଧ୍ୟାରେ ରାମମନ୍ଦିରରେ ଧ୍ୱଜାରୋହଣ ଭଳି ଅନେକ ଘଟଣା ସମ୍ମିଳିତ ଥିଲା।





ଏହା ସହିତ ପ୍ରଧାନମନ୍ତ୍ରୀ ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ ୨୦୨୫, ଆଇଆଇଏସସିର ଗୀତାଞ୍ଜଳି ସାଂସ୍କୃତିକ କେନ୍ଦ୍ର ଓ ଦୁବାଇର କନ୍ନଡ଼ ପାଠଶାଳା ଭଳି ପ୍ରେରଣାଦାୟକ ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରି ୨୦୨୬ ମସିହାର ଚ୍ୟାଲେଞ୍ଜ, ସମ୍ଭାବନା ଓ ବିକାଶ ଲକ୍ଷ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ଏହା ୨୦୨୫ ମସିହାର 'ମନ କୀ ବାତ' କାର୍ଯ୍ୟକ୍ରମର ଶେଷ ଏପିସୋଡ୍ ଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀ ୨୦୨୫ ର ପ୍ରମୁଖ ସଫଳତା, ନୂତନ ବର୍ଷ ୨୦୨୬ ର ଚ୍ୟାଲେଞ୍ଜ, ସମ୍ଭାବନା ଓ ବିକାଶ ଉପରେ ମତ ରଖିଥିଲେ।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କିଛି ଦିନ ମଧ୍ୟରେ ୨୦୨୬ ମସିହା ଆସିବାକୁ ଯାଉଛି ଓ ତାଙ୍କ ମନରେ ସମ୍ପୂର୍ଣ୍ଣ ଏକ ବର୍ଷର ସ୍ମୃତି ଘୁରିଘୁରି ଆସୁଛି। ୨୦୨୫ ମସିହା ଭାରତକୁ ଏମିତି ଅନେକ ମୁହୂର୍ତ୍ତ ଦେଇଛି, ଯାହା ଦେଶକୁ ଏକତ୍ର କରିଛି ଏବଂ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବର ଅନୁଭୂତି

## ବରଗଡ଼ରେ ୮୦ କୋଟି ଟଙ୍କାର କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଭୂମିପୂଜନ

ଭୁବନେଶ୍ୱର, ୨୮।୧୨(ନି.ପ୍ର.): ରାଜ୍ୟର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଉଚ୍ଚ ଶିକ୍ଷା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ବରଗଡ଼ରେ ୫୦ ମିଟର ଲମ୍ବ ବିଶିଷ୍ଟ ଇଣ୍ଡୋର ସନ୍ତରଣାଗାରର ଭିତ୍ତିପ୍ରସ୍ତର ସ୍ଥାପନ ସହ ଜିଲ୍ଲାସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରକଳ୍ପର ଭୂମିପୂଜନ କରିଛନ୍ତି। ଏହି ଦୁଇଟି ପ୍ରକଳ୍ପ ପାଇଁ ପ୍ରାୟ ୮୦ କୋଟି ଟଙ୍କା ବ୍ୟୟ ହେବ।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ତୃଣମୂଳ ସ୍ତରରୁ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ ବିଭାଗ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ଉନ୍ନତ ଭିତ୍ତିଭୂମି ସୁବିଧା ପ୍ରଦାନ ସହ ରାଜ୍ୟର ଯୁବ କ୍ରୀଡ଼ାବିତମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ଅତାବିରା ବିଧାୟକ ନିହାର ମହାନନ୍ଦ ଓ ବିଜେପୁର ବିଧାୟକ ସନତ କୁମାର ଗର୍ତ୍ତିଆ ଉପସ୍ଥିତ ଥିଲେ।

## ମଞ୍ଚକୁ ରୋମାଞ୍ଚିତ କଲା ଚଇତି ଦ୍ୱିତୀୟ ରଜନୀ

ରାୟଗଡା, ୨୮।୧୨(ନି.ପ୍ର.): ରାୟଗଡା ଚଇତି ମଞ୍ଚ ଆବାଳ ବୃଦ୍ଧା ବନିତା ସମସ୍ତଙ୍କୁ ରୋମାଂଚିତ କରିଛି। ଜିଲ୍ଲାବାସୀଙ୍କ ଗଣପର୍ବ ପାଳିଥିବା ଚଇତି ଧୀରେ ଧୀରେ ଲୋକଙ୍କ ଜନମାନସରେ ନିଜର ଛବି ଆଙ୍କିଦେଇଛି । ଜିଲ୍ଲାପାଳ ତଥା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଆଶୁତୋଷ କୁଲକର୍ଣ୍ଣିଙ୍କ ସଭାପତିତ୍ୱରେ ଦ୍ୱିତୀୟ ରଜନୀ ପ୍ରାରମ୍ଭ ହୋଇଥିଲା ।ମ୍ୟୁଜିକ ଗ୍ୟାଲେକ୍ସି କଳାକାରମାନେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରି ମଞ୍ଚକୁ ପ୍ରାଣ ଭରିଥିଲେ । ଆଜି ଦ୍ୱିତୀୟ ରାଜନୀରେ ମଞ୍ଚକୁ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଶୋଭା ମଣ୍ଡିତ କରିଥିଲେ । ରାୟଗଡା ଜିଲ୍ଲାର କଳା ସଂସ୍କୃତି ବିଶ୍ୱ ଦରବାରରେ ନିଆରା ।ଆମର ସଂସ୍କୃତି ମହାନ ଓ ସମୃଦ୍ଧ ଗୌରବ ଏବଂ ତ୍ୟାଗର ମାଟି । ପ୍ରତ୍ୟେକ ଜାତିର ବିକାଶ ହେବା ସହ ତାହାର ସଂସ୍କୃତିକୁ ମଧ୍ୟ ସାଇତି ରଖିବା ଜରୁରୀ । କାରଣ ବିକାଶର ଆତ୍ମା ହେଉଛି ସଂସ୍କୃତି ଓ ପରମ୍ପରା । ଆଉ ଏହିଭଳି ମଞ୍ଚ ହିଁ ତାହାର ଜୀବନ ଧାରା ବୋଲି ମୁଖ୍ୟ ଅତିଥି ସୁଜିତ କୁମାର ନିଜ ମତ ରଖିଥିଲେ ।

ସେହିଭଳି ଆଦିବାସୀଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଯୋଜନା ବିଷୟରେ ସୂଚନା ଦେଇଥଲେ ଏବଂ ଜିଲ୍ଲାରେ ୭ଟି ନୂତନ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯିବା ନେଇ କହିଥିଲେ। ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ରାୟଗଡା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଉପାଧ୍ୟକ୍ଷ ସନ୍ତୋଷ ସୁନା, ରାୟଗଡା ବ୍ଲକ ଅଧ୍ୟକ୍ଷା ଚୁନି ହୁଇକା, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଡ ମାଝୀ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର, ବିଷମକଟକ ବ୍ଲକ





ଅଧ୍ୟକ୍ଷ ଯଶୋଦା ହୁଇକା, କୋଲନରା ବ୍ଲକ ଅଧ୍ୟକ୍ଷ ସଂଯୁକ୍ତା କୁଲେସିକା, ଗୁଣୁପର ବ୍ଲକ ଅଧ୍ୟକ୍ଷା ଝିଲି ଶବର, ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କଇଁନା କିମ୍ବାକା, କଲ୍ୟାଣସିଂହପୁର ବ୍ଲକ ଅଧ୍ୟକ୍ଷା ଅମ୍ରିତା କାଦ୍ରାକା , ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ମୁନିଗୁଡା ବ୍ଲକ ଅଧ୍ୟକ୍ଷକ୍ଷ ଦୁଃଖିନୀ ନୁଣ୍ଡରୁକା ଓ ଗୁଡାରି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ସମେତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଡିଆର୍ଡିଏ ଅକ୍ଷୟ କୁମାର ଖେମୁଣ୍ଡ ପ୍ରମୁଖ ମଂଚାସୀନ ଥିଲେ । ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଙ୍କ ସମେତ ଜିଲ୍ଲାର ସମସ୍ତ ଜିଲାପରିଷଦ ସଭ୍ୟମାନଙ୍କୁ ସମ୍ମାନିତ କରିଥିଲେ ।

ସେହିଭଳି ଜିଲ୍ଲାର ଲୁଚ୍ନ ସାହୁଙ୍କୁ ଶିକ୍ଷା କ୍ଷେତ୍ରରେ, ବୀରେନ୍ଦ୍ର ସବର ଏବଂ ସ୍ୱାଟି ପ୍ରିୟା ପ୍ରଧାନଙ୍କୁ କ୍ରୀଡା କ୍ଷେତ୍ରରେ, ସନ୍ତୋଷ କୁମାର ବଛାଙ୍କୁ ସଂସ୍କୃତି କ୍ଷେତ୍ରରେ, ପ୍ରଶାନ୍ତି ସାହୁଙ୍କୁ ସାହିତ୍ୟ କ୍ଷେତ୍ରରେ, ବିଦ୍ୟାଧର ସବରଙ୍କୁ ଲୋକକଳା ନୃତ୍ୟ କ୍ଷେତ୍ରରେ, ସମାଜ ସେବି ଇଶ୍ୱର ତିମିଟିଙ୍କୁ ପରିବେଷ ସୁରକ୍ଷା କ୍ଷେତ୍ରରେ ଉଲେଖନୀୟ ପ୍ରଦର୍ଶନ ଯୋଗୁଁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ଚଇତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଜି ମଞ୍ଚରେ ଗୁଣପୁର ପୌରପରିଷଦ ପକ୍ଷରୁ ଓଡିଶୀ ନୃତ୍ୟ, ସୋନପୁର ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ପନେରୀ ନୃତ୍ୟ, କୋଟପାଡ଼ର ସାଗର ଢେମସା ନୃତ୍ୟ, ନବରଙ୍ଗପୁର ଜିଲ୍ଲା ସଂସ୍କୃତି ପରିଷଦର ମାଡିଆ ଢେମସା ନୃତ୍ୟ, ଗୁଡାରି ବ୍ଲକ ତରଫରୁ ଢେମସା ନୃତ୍ୟ, କାଶୀପୁର ବ୍ଲକର ଆଦିବାସୀ ଢେମସା, ରାୟଗଡା ପୌର ପରିଷଦ ପକ୍ଷରୁ ପୀଡିସି ଡ୍ୟାନ୍ସ ଗ୍ରୁପର ସୈଲୋଡି ଏବଂ ରାଜୁ ଡ୍ୟାନ୍ସ ଗ୍ରୁପର ଢେମସା ନୃତ୍ୟ, ଜେକେପୁର ନୃତ୍ୟ ସଦନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।ଦ୍ୱିତୀୟ ରାଜନୀରେ ରୁକୁ ସୁନାଙ୍କ ଗୀତରେ ତାଳେ ତାଳେ ଝୁମିଥିଲେ ଦର୍ଶକ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୁ ଯୁବ ଓ ଛାତ୍ର ଜନତା ଦଳର ରାଜ୍ୟ କମିଟି ଘୋଷିତ

ଭୁବନେଶ୍ୱର,୨୮।୧୨(ନି.ପ୍ର): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜେଡିର ଯୁବ ଓ ଛାତ୍ର ଶାଖାର ରାଜ୍ୟ କମିଟି କର୍ମକର୍ତ୍ତା ଘୋଷଣା କରାଯାଇଛି। ଯୁବ ବିଜେଡିର ୪ ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ମିଶାଇ ୧୬୦ଜଣ କର୍ମକର୍ତ୍ତା ଓ ଛାତ୍ର ବିଜେଡିର ୫ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ମିଶାଇ ୧୪୫ଜଣ କର୍ମକର୍ତ୍ତା ଘୋଷଣା କରାଯାଇଛି। ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ, ପ୍ରତିଷ୍ଠା ଦିବସରେ ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ଯେ, ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜେଡି ରାଜ୍ୟବାସୀଙ୍କ ସର ଭାବେ କାର୍ଯ୍ୟକରିବ। ତଦନୁଯାୟୀ, ପ୍ରତିଷ୍ଠା ଦିବସ ପରେ ପରେ ୧୧ଟି ଜିଲ୍ଲା କମିଟି ଘୋଷଣା ସହ ଯୁବ ଓ ଛାତ୍ର ଶାଖାର ଏକ ସଶକ୍ତ କମିଟି ଅନୁମୋଦନ କରିଛନ୍ତି। ରାଜ୍ୟର ସବୁ ଅଂଚଳ ଓ ଜିଲ୍ଲାର ଦକ୍ଷ ଓ ପ୍ରତିଭାବାନ ଯୁବକଯୁବତୀମାନଙ୍କୁ ଏହି କମିଟିରେ ସ୍ଥାନିତ କରାଯାଇଛି। ରାଜ୍ୟ ବିଜେପି ସରକାରଙ୍କ ଅବହେଳା ଓ ସମ୍ବେଦନହୀନ ଶାସନ ବିରୋଧରେ ପ୍ରତ୍ୟେକ ସ୍ତରରେ ବିଜୁ ଯୁବ ଜନତା ଦଳ ରାଜ୍ୟବାସୀଙ୍କ ସର ହୋଇ ଦୃଢ ପ୍ରତିବାଦ କରିବ।

## ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

ଆଠମଲ୍ଲିକ, ୨୮।୧୨(ନି.ପ୍ର.): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅନୁଗୋଳ ଜିଲ୍ଲା ଆଠମଲ୍ଲିକ କିଶୋରନଗର ଠାରେ ଆୟୋଜିତ 'ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୫'ରେ ଯୋଗଦେବା ସହ ଅଂଚଳର ପ୍ରଗତି ପାଇଁ ୧୧୮ କୋଟି ଟଙ୍କା ମୂଲ୍ୟର ୩୬ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଏବଂ ୩୧ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦଘାଟନ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରାୟ ୧୫୦ କୋଟିରୁ ଅଧିକ ମୂଲ୍ୟର ଏହି ପ୍ରକଳ୍ପ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସାମାଜିକ କଲ୍ୟାଣ ସହ ଜଡ଼ିତ ଏହି ସମସ୍ତ ପ୍ରକଳ୍ପ ସାଧାରଣ ଜନତାଙ୍କ ଜୀବନଶୈଳୀରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ଆଣିବ । ସେ କହିଥିଲେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କୃଷି କ୍ଷେତ୍ରର ବିକାଶ ଓ ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ସଙ୍କଳ୍ପବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି । ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାରଙ୍କ ସହଯୋଗରେ ଏହି ଜିଲ୍ଲାରେ ଜଳସେଚନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯିବା ସହ କୃଷିଜାତ ଦ୍ରବ୍ୟ, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟଚାଷ ଓ ଦୁଗ୍ଧ ଚାଷ ଭଳି ଆନୁଷାଙ୍ଗିକ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯିବ । ଏହି ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୫ ଅବସରରେ ଜିଲ୍ଲାର ବିକାଶ ପାଇଁ ମୋଟ ୧୪୯.୫୬ କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳରେ ୫୮ଟି ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ୧୧୮.୩୫ କୋଟି ମୂଲ୍ୟର ୩୬ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି, ଯେଉଁଥିରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ୫୦.୧୩ କୋଟିର ୫ଟି ପ୍ରକଳ୍ପ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ୩.୮୦ କୋଟିର ୧୮ଟି ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗର ୫୧.୪୦ କୋଟିର ୯ଟି ପ୍ରକଳ୍ପ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୧୦.୧୬ କୋଟିର ୨ଟି ପ୍ରକଳ୍ପ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨.୮୬ କୋଟି ମୂଲ୍ୟର ୨ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ରହିଛି । ଏହାସହ ଜନସାଧାରଣଙ୍କ ସେବା ନିମନ୍ତେ ୩୧.୨୧ କୋଟି ବ୍ୟୟରେ ନିର୍ମିତ ୨୨ଟି ପ୍ରକଳ୍ପର ଉଦଘାଟନ ମଧ୍ୟ କରାଯାଇଛି। ଏଥିରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ୧୩.୬୩ କୋଟିର ୨ଟି ପ୍ରକଳ୍ପ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ୨.୫୪ କୋଟିର ୧୪ଟି ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗର ୩.୧୫ କୋଟିର ୧ଟି ପ୍ରକଳ୍ପ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୩.୮୧ କୋଟିର ୧ଟି ପ୍ରକଳ୍ପ, ସ୍କୁଲ ଓ ଗଣଶିକ୍ଷା ବିଭାଗର ୭.୧୬ କୋଟିର ୨ଟି ପ୍ରକଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୦.୯୨ କୋଟିର ୨ଟି ପ୍ରକଳ୍ପ ସାମିଲ ଅଛି । ଏହି ସମସ୍ତ ପ୍ରକଳ୍ପ ଅନୁଗୋଳ ଜିଲ୍ଲାର ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ଉନ୍ନତି ଆଣିବା ସହ ସାଧାରଣ ଜନତାଙ୍କୁ ବିଶେଷ ଭାବେ ଉପକୃତ କରିବ । ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ୨୨୯ ହିତାଧିକାରୀମାନଙ୍କୁ ସରକାରୀ ସୁବିଧା ବିତରଣ ଯାଇଥିଲା ।

## ଅଭୟଙ୍କୁ ଓଡିଶା ଶିକ୍ଷା ପ୍ରତିଭା ସମ୍ମାନ




ବ୍ୟାସନଗର, ୨୮।୧୨(ନି.ପ୍ର.): ଯାଜପୁର ରୋଡ ସ୍ଥିତ ଗ୍ଲୋରିୟସ ଇଂଲିସ ମିଡିୟମ୍ ସ୍କୁଲ ର ଫାଉଣ୍ଡର ଡ. ଅଭୟ ପତିଞ୍ଛ ଙ୍କୁ ଆଜି କଟକ ଜୋବ୍ରା ସ୍ଥିତ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟିଭି ଇନଷ୍ଟିଚ୍ୟୁଟ ଠାରେ ସମ୍ମାନଜନକ ଓଡିଶା ଶିକ୍ଷା ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଛି ।ଓଡିଶା ୟୁଥ୍ ଜର୍ଣାଲିଷ୍ଟ ଆସୋସିଏସ୍ ପକ୍ଷରୁ ଆୟୋଜିତ ଏହାର ୧୬ ତମ ବାର୍ଷିକ ଉତ୍ସବରେ ଉଦଘାଟକ ଭାବେ ରାଜ୍ୟ ସୂଚନା କମିଶନର ଶୁସାନ୍ତ ମହାନ୍ତି, ମୂଖ୍ୟ ଅତିଥି ଭାବେ କଟକ ମେୟର୍ ସୁବାସ ସିଂ ଯୋଗଦେଇ ଅଭୟଙ୍କୁ ମାନପତ୍ର, ଟ୍ରଫି ଓ ଉତ୍ତରୀ ଦେଇ ସମ୍ମାନୀତ କରିଥିଲେ ।ଅଭୟ ଯାଜପୁରରୋଡ ଠାରେ ଗ୍ଲୋରିୟସ ଇଂଲିସ ମିଡିୟମ୍ ସ୍କୁଲ ସ୍ଥାପନା କରି ଦୀର୍ଘ ୩୨ ବର୍ଷଧରି ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନା କରିଛନ୍ତି। ଏହି ସମ୍ମାନ ପାଇବାପରେ "ଏହା ସମଗ୍ର ଜେମ୍ସ ପରିବାରର" ପ୍ରଚେଷ୍ଟା ଯୋଗୁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି।

## ଧଳାଜହର କାୟା ବିସ୍ତାରରେ ଖୋର୍ଦ୍ଧା ଅଞ୍ଚଳ

ଜଟଣୀ/ଖୋର୍ଦ୍ଧା, ୨୮।୧୨(ନି.ପ୍ର.): ପୁଳା ପୁଳା ଧଳା ଜହର ବେବସାୟ ହେଉଥିବା ବେଳେ, ପୁଲିସ ଧରିଛି ୨ ଜଣଙ୍କୁ ମାତ୍ର ୨୮ ଗ୍ରାମ ବ୍ରାଉନସୁଗାର। ଖୋର୍ଦ୍ଧାରେ ଥମୁନି ଧଳାଜହର କାରବାର। ଯେତିକି ଧରାହେଉଛି, ସେତିକି ବଢ଼ିଚାଲିଛି। ବାରମ୍ବାର ଧରପଗଡ ସତ୍ତ୍ୱେ ଏଥିରେ କୌଣସି ପ୍ରଭାବ ପଡୁନାହିଁ । ବରଂ ଧଳାଜହର ବେବସାଇଙ୍କ କାୟା ବିସ୍ତାର ବଢ଼ି ଲାଗିଛି। ଧଳାଜହର କାରବାରର ଚରାଭୂଇଁ ପାଲଟିଛି ଖୋର୍ଦ୍ଧା ଏବଂ ପାଖ ଅଞ୍ଚଳ ଗୁଡ଼ିକରେ। ମାଫିଆଙ୍କ କବ୍ଜାରେ ରହିଛି ଖୋର୍ଦ୍ଧା ଏବଂ ପାଖା ପାଖି ଅଞ୍ଚଳ। ଦିନ କୁ ଦିନ ଏହା ବହୁଳ ପରିମାଣରେ ସେବନ କରିବାରେ ଲାଗିଛନ୍ତି ସ୍କୁଲ ଏବଂ କଲେଜର ଛାତ୍ରଛାତ୍ରୀ ମାନେ। ନିଶା ବେପାରୀଙ୍କ କୌଶଳ ଆଗରେ ଫେଲ ମାରୁଛି ପୋଲିସ ପ୍ରଶାସନ। ବିଶେଷ କରି ଆଦର୍ଶ ଥାନା ଅଂଚଳରେ ପୁଳା ପୁଳା ବ୍ରାଉନସୁଗର ଗଳିକନ୍ଦିରେ ବିକ୍ରୀ ହେଉଥିବା ବେଳେ ପୁଲିସ କେବଳ ଲୋକ ଦେଖାଣିଆ ଛୋଟ ବେପାରୀଙ୍କୁ ଉଠାଇ ମାତ୍ର ୨୭ ଗ୍ରାମ ୨୮ ଗ୍ରାମର ପ୍ରସାରଣ କରୁଛନ୍ତି। ବ୍ରାଉନସୁଗାର କାରବାର ବୃଦ୍ଧି ବର୍ତ୍ତମାନ ଖୋର୍ଦ୍ଧା ସହରରେ ଚିନ୍ତାର କାରଣ ହୋଇଛି। ବାସ୍ତବରେ ବଡବେପାରୀଙ୍କ ନିକଟରେ ପୋଲିସ ପହଞ୍ଚି ପାରୁନି କିମ୍ବା ଅନ୍ୟକିଛି କାରଣ ଥାଇପାରେ। ଜାଣିଶୁଣି ତାଙ୍କୁ ଛାଡି, ଛୋଟ ବେପାରୀଙ୍କୁ ଧରୁଛନ୍ତି, ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଯାହା ଜନସାଧାରଣଙ୍କ ଗୁଜବରୁ ଜଣା ପଡୁଛି, ମାସିକିଆ ଚାନ୍ଦା ଉଠାଇ ବ୍ରାଉନସୁଗର ବେପାରୀଙ୍କୁ ସୁରକ୍ଷା ଦେଉଥିବା ଯୋଗୁ ବେଳକୁ ବେଳ ଆଇନଶୃଙ୍ଖଳା ବିଗୁଡୁଥିବା ଚର୍ଚ୍ଚା ଜୋର ଧରିଛି।

ଘଟଣାର ବିବରଣୀ, ଗୁରୁବାର ଆଦର୍ଶ ଥାନା ପୋଲିସ ୧୬ନଂ



୫୭ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ନବନିର୍ମାଣାଧିନ ନୂଆ ଜାତୀୟ ରାଜପଥ ଉପରେ ଚଢ଼ାଉ କରି ଦୁଇ ଜଣ ବ୍ରାଉନ ସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ଗିରଫ ୨ ଜଣ ହେଲେ ଆଦର୍ଶ ଥାନା ଅଂଚଳର ଗୁରୁଜଙ୍ଗ ଗ୍ରାମ କୋଡ଼ିଲାକଣ ସାହିର ସୁଶାନ୍ତ କୁମାର ପ୍ରଧାନ ଓରଫ ସିପୁ(୩୨) ଏବଂ ଅନ୍ୟଜଣେ ମୁକୁନ୍ଦ ପ୍ରସାଦ ଗ୍ରାମ ଝରଟାଙ୍ଗି ଅଂଚଳର ନିହାର ରଞ୍ଜନ ହାତୀ ଓରଫ୍ ପାପୁ (୩୨)। ସେମାନଙ୍କ ଠାରୁ ମାତ୍ର ୨୮ଗ୍ରାମ ଓଜନର ବ୍ରାଉନ ସୁଗାର ସମେତ ଗୋଟିଏ ମଟର ସାଇକେଲ ଏବଂ ଦୁଇଟି ମୋବାଇଲ ଫୋନ ଜବତ ହୋଇଥିବା ଆଦର୍ଶ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ଅପରପାଶ୍ୱର୍ରେ ଛୋଟ ଛୋଟ ବେପାରୀ ଧରାପଡୁଥିବାବେଳେ ମାଫିଆ ମାନେ ଆଜି ମଧ୍ୟ ଖୋଲା ଆକାଶରେ ନିର୍ଦ୍ଦୋନ୍ଦରେ ବୁଲୁଛନ୍ତି। ଅନେକ ସମୟରେ ପୋଲିସ ଧରପଗଡ ବେଳେ ମାଷ୍ଟରମାଇଣ୍ଡ ଖସି ଯାଉଛନ୍ତି କିମ୍ବା ଖବର ଦେଇ ଖସେଇ ଦିଆଯାଉଛି। ଖୋର୍ଦ୍ଧା ସହରରେ ଧଳାଜହର କାରବାର ପଛର ମୁଖ୍ୟ ଖଳନାୟକ ନିକଟରେ ପୋଲିସ ପହଞ୍ଚି ପାରୁନାହିଁ। ଏହାର ଚେର କେଉଁ ସ୍ଥାନ ପର୍ଯ୍ୟନ୍ତ ଲମ୍ବିଛି ପୋଲିସ ଧରିବାରେ ବିଫଳ ହେଉଛନ୍ତି। ଏମାନେ କେଉଁଠାରୁ ଧଳାଜହର ଆଣୁଛନ୍ତି ତାହା ମଧ୍ୟ ନଜାଣିବାର ଅଭିନୟ କରୁଥିବା ଗୁଜବ ହେଉଛି। କିଏ ଛୋଟ ବେପାରୀଙ୍କୁ ଯୋଗାଉଛି, ଏହାର ପଛର ମୁଖ୍ୟ ଆସାମି କିଏ, ଆଜି ପର୍ଯ୍ୟନ୍ତ ପୋଲିସ ତାର ଚେରପାଉନି। ରାଜଧାନୀ ପରେ ଖୋର୍ଦ୍ଧା ସହର ଏବଂ ପାଖାପାଖି ସହର ଧଳାଜହର ପେଣ୍ଠସ୍ଥଳୀ ପାଲଟିଛି। ତେବେ ଏହାକୁ ମୂଳପାଟନ ଲାଗି ପୋଲିସର ସେଭଳି କୌଣସି ପ୍ରଚେଷ୍ଟା ଥିଲା ଭଳି ଲାଗୁନାହିଁ। ଫଳରେ ନିଶା ବେପାରୀ ମାନେ ଖୋଲା ବଜାରରେ ଖୁଲମଖୁଲା ଭାବେ ବେପାର କରୁଛନ୍ତି । ପାନ ଦୋକାନ, ମୋବାଇଲ ଦୋକାନ, ଗ୍ରୋସରୀ, ପରିବା ଦୋକାନ ଆଳରେ ନିଶା କାରବାର ଚାଲିଛି। ଗୋଟିଏ ପଟେ ନିଶା ଯୋଗୁ ଯୁବସମାଜ ବିପଦଗାମୀ ହେଉଥିବା ବେଳେ ମାଫିଆ ଓ ନିଶା ବେପାରୀ ମାନେ ମାଲାମାଲ ହୋଇ ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଳାଶପୂର୍ଣ୍ଣ ଜୀବନଯାପନ କରୁଛନ୍ତି। ତେବେ ଯେତିକି ପରିମାଣ ଧରାଯାଉଛି, ତାହାକୁ ଦେଖାଯାଉନାହିଁ, ଅଥବା ଜାଣିଶୁଣି କମ୍ ପରିମାଣର ଦେଖାଯାଉଥିବା ମଧ୍ୟ ଚର୍ଚ୍ଚା ହେଉଛି। ବାସ୍ତବରେ ଜହର ମାଫିଆ ଖସିଯାଉଛନ୍ତି ନା ଖସାଇ ଦିଆଯାଉଛି, ତାହାକୁ ନେଇ ସନ୍ଦେହରେ ସାଧାରଣ ଜନତା।

ଖୋର୍ଦ୍ଧା ଅଞ୍ଚଳରେ ଦୈନିକ କୋଟିଏରୁ ଉର୍ଦ୍ଧ୍ୱ କାରବାର ହେଉଥିବା ସୂଚନା ମିଳୁଛି। ତେବେ ମାଷ୍ଟରମାଇଣ୍ଡ ନିକଟରେ ପୋଲିସ ଯେପର୍ଯ୍ୟନ୍ତ ପହଞ୍ଚି ପାରିନି, ସେପର୍ଯ୍ୟନ୍ତ ଖୋର୍ଦ୍ଧା ଅଞ୍ଚଳ ନିଶା କବଳରୁ ମୁକ୍ତି କରିବାରେ ସଫଳ ହୋଇପାରିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଟ୍ରେନ ଧକ୍କାରେ ହାତୀ ମୃତ୍ୟୁ

ଆସାମର ସାଙ୍ଗଦୁରାଇ ଗ୍ରାମ ନିକଟରେ ଗତ ୨୦ତାରିଖ ରାତ୍ରିରେ ଦ୍ରୁତଗାମୀ ରାଜଧାନୀ ଏକ୍ସପ୍ରେସ ଟ୍ରେନ ଧକ୍କାରେ ୮ଟି ହାତୀଙ୍କର ମୃତ୍ୟୁ କେବଳ ଏକ ଭୟଙ୍କର ଦୁର୍ଘଟଣା ନୁହେଁ, ଏହି ଦୁଃଖଦ ଘଟଣା ଦେଶରେ ବଣଜଙ୍ଗଲ ମଧ୍ୟରେ ବନ୍ୟଜନ୍ତୁଙ୍କ ବାସସ୍ଥଳୀରେ ବିକାଶମୂଳକ କାର୍ଯ୍ୟର ଏକ ଦୁର୍ଭାଗ୍ୟଜନକ ପରିଣତି ବୋଲି କୁହାଯାଇପାରେ । ଆମ ଦେଶରେ ଟ୍ରେନ ଧକ୍କାରେ ହାତୀ ମୃତ୍ୟୁ ଘଟଣା ନୂଆ ନୁହେଁ, ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଦେଶରେ ଟ୍ରେନ ଧକ୍କାରେ ଏହା ଚତୁର୍ଥ ହାତୀ ମୃତ୍ୟୁ ଘଟଣା । ଯେଉଁଥିରେ ୪ଟି ଛୁଆ ଓ ଗୋଟିଏ ଗର୍ଭବତୀ ହାତୀ ସମେତ ୮ଟି ବିଶାଳକାୟ ବନ୍ୟ ଜନ୍ତୁର ଜୀବନ ଯାଇଛି । ୨୦୧୯-୨୦ବର୍ଷରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୯୪ଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୦୯-୧୦ରୁ ୨୦୨୪ ମଧ୍ୟରେ ୧୮୬ଟି ହାତୀଙ୍କର ମୃତ୍ୟୁ ଘଟିଥିବା ସରକାରୀ ରିପୋର୍ଟ କହେ । ତେବେ ନିକଟ ଅତୀତ ବର୍ଷଗୁଡିକରେ ଅର୍ଥାତ ୨୦୨୧-୨୨ରେ ୧୫ଟି ହାତୀର ମୃତ୍ୟୁ ଟ୍ରେନ ଧକ୍କାରେ ଘଟିଥିବାବେଳେ ୨୦୨୨-୨୩ ରେ ୧୫ଟି ଏବଂ ୨୦୨୩-୨୪ ବର୍ଷରେ ୧୭ଟି ହାତୀର ମୃତ୍ୟୁ ଘଟିଥିଲା । ଯାହାକି ଟ୍ରେନ ଧକ୍କାରେ ହାତୀ ମୃତ୍ୟୁ ବୃଦ୍ଧି ପାଉଥିବା ଧାରାକୁ ଦର୍ଶାଉଛି ବୋଲି ନିସନ୍ଦେହରେ କୁହାଯାଇପାରିବ । ଏହା ନିସନ୍ଦେହ ଯେ, ସ୍ଥଳଭାଗର ଏହି ବିଶାଳ ଜୀବ ହାତୀ ବଣ ଜଙ୍ଗଲରେ ଘୁରି ବୁଲୁଥିବା ସତ୍ତ୍ୱେ ସେମାନଙ୍କର ଚଲାପଥ (କରିଡର) ଏକ ନିର୍ଦ୍ଦିଷ୍ଟ ପଥର ସଂକେତ ପ୍ରଦାନ କରେ । ସେହି ଚଲାପଥରେ ରେଳ ଲାଇନ ନିର୍ମାଣ ହାତୀର ମୃତ୍ୟୁ ଜନ୍ତା ସାବ୍ୟସ୍ତ ହୋଇଛି । ଆସାମର ସିଙ୍ଗାଜୁରିଆ ଗ୍ରାମବାସୀ କହନ୍ତି, ସିଙ୍ଗାଜୁରିଆକୁ ହାତୀଙ୍କର ଚଲାପଥ ଭାବେ ଘୋଷଣା କରିବାକୁ ସେମାନେ ବାରମ୍ବାର ଦାବି କରି ଆସୁଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ନାହାଁନ୍ତି । ହାତୀ ଚଲାପଥରେ ଟ୍ରେନର ଗତି କମାଇବା ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ରାଜଧାନୀ ଏକ୍ସପ୍ରେସର ବେଗ ୨କିମି ବେଗରେ ନଥିବା ଗ୍ରାମବାସୀ କହନ୍ତି । ଏହା ନିସନ୍ଦେହ ଯେ, ଟ୍ରେନ ଧକ୍କାରେ ହାତୀ ମୃତ୍ୟୁ କେବଳ ଆସାମରେ ସୀମିତ ନୁହେଁ । ଆସାମ ବ୍ୟତୀତ ପଶ୍ଚିମବଙ୍ଗ, ଓଡିଶା, କେରଳ, ତାମିଲନାଡୁ ଆଦି ରାଜ୍ୟରେ ଟ୍ରେନ ଦୁର୍ଘଟଣାରେ ହାତୀ ମୃତ୍ୟୁ ଘଟଣା ବାରମ୍ବାର ଘଟୁଛି । ୧୪ଟି ରାଜ୍ୟରେ ୭୭ଟି ହାତୀ ଚଲାପଥ ଚିହ୍ନଟ ହୋଇଥିବାବେଳେ ହାତୀ ମୃତ୍ୟୁ ଏଡାଇବା ପାଇଁ ସରକାର ଯେ, ପଦକ୍ଷେପ ନେଇନାହାଁନ୍ତି, ତା ନୁହେଁ । ହାତୀ ଚଲାପଥରେ ସାଇରନ, କ୍ଲୋଜ ସର୍କିଟ କ୍ୟାମେରା ଖଂଜିବା, ଟ୍ରେନର ଗତିପଥ କମାଇବା, ଟ୍ରେନ ଚାଳକମାନଙ୍କୁ ସଚେତନ କରାଇବାଠାରୁ ଆରମ୍ଭ କରି ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ମାତ୍ର ଏ ସବୁ ଟ୍ରେନ ସହ ହାତୀର ଧକ୍କାକୁ ଏଡାଇ ପାରିନାହିଁ । ଏହାର କାରଣ ହେଉଛି ବ୍ୟାପକ ଜଙ୍ଗଲ କ୍ଷୟ ତଥା ବିକାଶମୂଳକ କାର୍ଯ୍ୟ ଯୋଗୁଁ ହାତୀଙ୍କର ବାସସ୍ଥଳ ସଂକୁଚିତ ହେବା ସହ ସେମାନଙ୍କର ଚଲାପଥରେ ପରିବର୍ତ୍ତନ ଘଟୁଛି । ଯାହା ସେମାନଙ୍କୁ ଏବେ ଜନବସତି ମୁହାଁ କରିଦେଇଛି । ଆମ ରାଜ୍ୟରେ ମଧ୍ୟ ଟ୍ରେନ ଧକ୍କାରେ ହାତୀ ମୃତ୍ୟୁ କିଛି କମ ନୁହେଁ । ୨୦୧୯ରୁ ୨୪ ମଧ୍ୟରେ ଆମ ରାଜ୍ୟରେ ଟ୍ରେନ ଧକ୍କାରେ ୧୪ଟି ହାତୀଙ୍କର ଜୀବନ ଯାଇଥିବା ସରକାରୀ ରିପୋର୍ଟ କହେ । ତେବେ ଓଡିଶାରେ ଟ୍ରେନ ଧକ୍କାରେ ହାତୀମୃତ୍ୟୁ ଏଡାଇବା ଲାଗି ପରୀକ୍ଷାମୂଳକ ଭାବେ ରାଉରକେଲା ବନଖଣ୍ଡରେ କୃତ୍ରିମ ବୁଦ୍ଧିମତା (ଏଆଇ) କ୍ୟାମେରା ଖଂଜାଯାଇଛି । ଯାହାଦ୍ୱାରା ଗଲା ଡିସେମ୍ବର ମାସରେ ଏକ ଆସନ୍ନ ମୃତ୍ୟୁ ମୁଖରୁ ହାତୀ ପଲକୁ ରକ୍ଷା କରାଯାଇଥିଲା । ଓଡିଶାରେ ଏହା ସଫଳ ହେବା ଘଟଣାକୁ ଦୃଷ୍ଟିରେ ରଖି ସରକାର ଏବଂ ରେଳବାଇ କର୍ତ୍ତୃପକ୍ଷ ଦେଶର ସମସ୍ତ ହାତୀ ବହୁଳ ରାଜ୍ୟରେ ଟ୍ରେନ ଲାଇନ ଯାଇଥିବା ସେମାନଙ୍କ ଚଲାପଥରେ ଏଆଇ କ୍ୟାମେରା ଖଂଜା ଯିବାର ଜରୁରୀ ଆବଶ୍ୟକତା ରଖେ । କେବଳ ଟ୍ରେନ ଧକ୍କାରେ ନୁହେଁ, ସ୍ଥଳଭାଗର ଏହି ବିଶାଳକାୟ ଜୀବର ଜୀବନ ମଧ୍ୟ ବିପଦରେ, ଯାହାକି ହାତୀର ମୃତ୍ୟୁର କାରଣ ଭାବେ ଉଭା ହୋଇଛି । ବିଶେଷ କରି ବିଦ୍ୟୁତ ଏବଂ ହାତୀର ଶିକାର ସେମାନଙ୍କର ମୃତ୍ୟୁ ସଂଖ୍ୟା ବୃଦ୍ଧି କାରଣ ପାଲଟିଛି । କେବଳ ଏତକି ନୁହେଁ, ଓଡିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ହାତୀ-ମଣିଷ ଲଢେଇ ଏବେ ଏକ ନୀତି ଦିନିଆ ଘଟଣାରେ ପରିଣତ ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ । ଏହା ମଧ୍ୟ ନିସନ୍ଦେହ ଯେ, ହାତୀ-ମଣିଷର ସମ୍ପର୍କ ମଧ୍ୟ ଅତି ନିବିଡ, ଯାହା ଆମର ଶାସ୍ତ୍ର ଦର୍ଶାଉଛି । ହାତୀ ଧନର ଦେବୀ ମା' ଲକ୍ଷ୍ମୀଙ୍କର ପ୍ରତୀକ ଭାବେ ଆମ ଦେଶ ପୂଜା କରାଯାଇଥାଏ । ଏ ସବୁ ଦୃଷ୍ଟିରୁ ହାତୀର ସୁରକ୍ଷା ଏବେ ସମସ୍ତଙ୍କର ଧ୍ୟେୟ ହେଉ ।

# ସେନ୍ସୋରିନ୍ୟୁରାଲ ହିୟରିଂ ଲସ୍

ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆପଣ ଉଚ୍ଚ ସ୍ୱରରେ ଗୀତ ଶୁଣୁଛନ୍ତି କି ? ସହଜେ ତ ବିବାହ ବା ବିଭିନ୍ନ ସାମାଜିକ ଏପରିକି ରାଜନୈତିକ କାର୍ଯ୍ୟକ୍ରମରେ କାନଫଟା ବାଜା ଗୀତର ରୋଷଣୀ ଦିନକୁ ଦିନ ଅତ୍ୟନ୍ତ ଉତ୍କଟ ହେଉଛି । ତେବେ ଏସବୁ ଭିତରେ ଆପଣ ନିଜେ ଟିକେ ସତର୍କ ହୋଇଯାଆନ୍ତୁ । ସୁମଧୁର ଓ ଶ୍ରୁତିପୂର୍ଣ୍ଣ ସଂଗୀତ ସମସ୍ତଙ୍କୁ ଶାନ୍ତି ଦେଇଥାଏ । ତେବେ ନିକଟରେ ଏକ ଚମକପ୍ରଦ ଘଟଣା ଅଗଣିତ ଭାରତୀୟ ମାନଙ୍କୁ ନୁହେଁ ସଂଗୀତପ୍ରେମୀଙ୍କୁ ଗଭୀର ଦୁଃଖ ଭିତରକୁ ଠେଲି ଦେଇଛି । ଆମ ସମୟର ତଥା ବଲିଉଡର ଲୋକପ୍ରିୟ ପ୍ରତିଥଯଶା ସୁମଧୁର ଗାୟିକା ଏହି ଉଚ୍ଚ ଶ୍ରବଣ ବିଶୃଙ୍ଖଳାର ଶିକାର ହୋଇ ନିଜେ ପ୍ରମୁଖ ଖବର ପାଲଟିଛନ୍ତି । ପରବର୍ତ୍ତୀ ସମୟରେ ବାକଶ୍ରବଣ ବିଶେଷଜ୍ଞଙ୍କ ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଏହା ଏକ ବିରଳ ଭୂତାଣୁଜନିତ ସ୍ନାୟୁବିକ ଶ୍ରବଣ ହୀନତା ବୋଲି ଜଣାପଡ଼ିଲା । ଯାହାକୁ ଆମ ଇଏନଟି ଚିକିତ୍ସା ପାଠରେ ସେନ୍ସୋରିନ୍ୟୁରାଲ ହିୟରିଂ ଲସ ବୋଲି କୁହାଯାଏ । ଏହି ସମସ୍ୟାରେ ରୋଗୀଙ୍କର କାନର ଭିତର ଅଂଶ ବା ଅଡଟୋରି ନର୍ଭକୁ କ୍ଷତି ପହଞ୍ଚାଇଥାଏ । ଆମ ମାନଙ୍କର ସ୍ୱାଭାବିକ କାନ ଶୁଣିବା ପାଇଁ ୭୦ ଡେସିବିଲ ତୀବ୍ରତାର ଶବ୍ଦ ନିରାପଦ ରହିଛି । ତେବେ ଉପରୋକ୍ତ ସେନ୍ସୋରିନ୍ୟୁରାଲ ହିୟରିଂ ଲସ କାରଣ ପାଇଁ ପାଖାପାଖି ୯୦ ପ୍ରତିଶତ ଶ୍ରବଣ ଶକ୍ତି କମିଯାଇଥାଏ । ଏହି ରୋଗର କାରଣ ବିଶେଷ ଭାବେ ଅତ୍ୟଧିକ ଶବ୍ଦ ଶୁଣିବାରୁ ହୋଇଥାଏ । ତେବେ କେତେକଙ୍କ କ୍ଷେତ୍ରରେ ଏହା ଜେନେଟିକ ହୋଇଥିବାବେଳେ କିଛି କ୍ଷେତ୍ରରେ ବୟସ କାରଣରୁ ହୋଇଥାଏ । ଆମ କାନର ଭିତର ଅଂଶରେ ଏକ ଅଙ୍ଗ ରହିଛି ଯାହାକୁ କକ୍ଲିଆ, ଯେଉଁଥିରେ ଛୋଟ ଛୋଟ କେଶ ଭଳି କୋଷିକାମାନ ରହିଥାନ୍ତି । ଏଗୁଡ଼ିକ ସାଉଣ୍ଡ ଓ୍ୱେଭରୁ ମିଳୁଥିବା ଭାଇବ୍ରେସନରୁ ନ୍ୟୁରାଲ ସିଗନାଲରେ ପରିଣତ କରିଥାଏ, ଯାହା ଅଡିଟୋରି ନର୍ଭ ମାଧ୍ୟମରେ ବ୍ରେନକୁ ପହଞ୍ଚିଥାଏ । ତେବେ ୮୫ ଡେସିବେଲରୁ ଅଧିକ ଶବ୍ଦ ଶୁଣିବା ଦ୍ୱାରା ଆମ କାନରେ ଥିବା ଏହି କେଶକୁ କ୍ଷତି ପହଞ୍ଚିଥାଏ, ଯେଉଁ କାରଣରୁ ଆମର ଶୁଣିବା ଶକ୍ତି କମିଥାଏ । ଏହାର ବିଭିନ୍ନ ପ୍ରକାର ମଧ୍ୟ ରହିଛି । ତେବେ ଏହାର କିଛି ଲକ୍ଷଣ ରହିଛି ଯାହାକୁ ଚିହ୍ନଟ କରି ଚିକିତ୍ସା କରାଇପାରିଲେ ଆମେ ଏହି ସମସ୍ୟାରୁ ମୁକ୍ତି ପାଇପାରିବା । ତେଣୁ ଯଦି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଯେତେବେଳେ ବ୍ୟାଗଗ୍ରାଉଣ୍ଡ ମ୍ୟୁଜିକ ଅଧିକ ରହିଛି ସେତେବେଳେ ଶୁଣିବାରେ ଅସୁବିଧା ହେବା । ବିଶେଷଭାବେ ସ୍ତ୍ରୀ କିମ୍ବା ପୁରୁଷ ପିଲାମାନଙ୍କର କଥା ଶୁଣି ବୁଝିବାରେ ଅସୁବିଧା ହେବା, ସନ୍ତୁଳନରେ ଅସୁବିଧା । ଅତ୍ୟଧିକ ପିଚର ଶବ୍ଦ ଶୁଣିବାରେ ଅସୁବିଧା ହେବା, ବେଳେ ବେଳେ ଶୁଣିପାରୁ ହେଲେ କଣ କୁହାଯାଉଛି ବୁଝି ପାରିନଥାଉ । ସେହିପରି ଏକାଦିକ୍ରମେ ସଂଗୀତ ଶୁଣିବା ଅବଧିକୁ କମାଇବା ସହ ଶ୍ରବଣ ବିଶୃଙ୍ଖଳାର ସାମାନ୍ୟତମ କୌଣସି ସମସ୍ୟା ବା ଲକ୍ଷଣ ଦେଖାଦେଲେ ଆପଣ ତୁରନ୍ତ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଘଣ୍ଟା ଘଣ୍ଟା ଧରି ହିୟରିଂ କଡ଼ର ଅଯଥା ବ୍ୟବହାରରୁ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ । ସେହିପରି କେହି କେହି ବିଚାର କରନ୍ତି ଯେ କମ ଶୁଣିବା ମଧ୍ୟ ଭଲ ଅଭ୍ୟାସ କିନ୍ତୁ ଏହା ମଧ୍ୟ ଠିକ ନୁହେଁ । ଆପଣଙ୍କ ଖାନ ଶୁଣିବାର ଏକ ନିର୍ଦ୍ଦିଷ୍ଟ କ୍ଷମତା ଅଛି । ଏହାକୁ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶରେ ମାପକରି ସେହି ଅନୁଯାୟୀ ଶୁଣିବାର କ୍ଷମତା ରଖନ୍ତୁ । କେତେକଙ୍କ କ୍ଷେତ୍ରରେ କର୍ଣ୍ଣପଟ୍ଟଳ କୌଣସି ଦୁର୍ଘଟଣା ବଶତଃ ଆଘାତ ପ୍ରାପ୍ତ ହୋଇଥିଲେ, କୌଣସି ଔଷଧର ପରିପାର୍ଶ୍ୱିକ ପ୍ରତିକ୍ରିୟା ଏପରିକି ନିଶାଦ୍ରବ୍ୟର କାରଣ ପାଇଁ ମଧ୍ୟ ଏହି ସମସ୍ୟା ଅନ୍ୟତମ କାରକ ଭାବେ ଗ୍ରହଣ କରାଯାଏ । (କ୍ରମଶଃ)

# ବରଗଡ଼ର ଧନୁଯାତ୍ରା

ନାଟ୍ୟ ସାରଥି ଅଭୟ କୁମାର ଦାସ

ପରମ୍ପରା କ୍ରମେ ଏହି ଧନୁଯାତ୍ରା ପାଇଁ ବରଗଡ଼କୁ ମଥୁରା ଓ ଅମ୍ବାପାଲିକୁ ଗୋପପୁର ଭାବରେ ପରିକଳ୍ପନା କରାଯାଇଥାଏ । ମହାରାଜ କଂସଙ୍କ କାରାଗାରରେ ବନ୍ଦୀ ହୋଇଥାନ୍ତି ବସୁଦେବ ଓ ଦେବକୀ । କହିହେବ ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ କଂସର ମୃତ୍ୟୁ ପର୍ଯ୍ୟନ୍ତ ଘଟଣାବଳୀ ଏହି ବିରାଟ ଉତ୍ସବର ଉପଜୀବ୍ୟ । ମହାରାଜ କଂସ ଆୟୋଜନ କରିଛି ଧନୁଯାତ୍ରା ଏବଂ ନିରୂପଣ କରିଛି ନିଜ ମୃତ୍ୟୁର ସ୍ଥାନ । ଶ୍ରୀକୃଷ୍ଣ, ବଳରାମ ଗୋପରୁ ଆସି ମଥୁରାରେ ପହଞ୍ଚି ଅନେକ କାରନାମା ଦେଖାଇବା ପରେ ହାଜର ହୋଇଛନ୍ତି କଂସର ରାଜ ଦରବାରରେ । ଶ୍ରୀକୃଷ୍ଣଙ୍କର ଦର୍ଶନମାତ୍ରେ ମଞ୍ଚାରୁ ପଡ଼ି ମୋକ୍ଷପ୍ରାପ୍ତି ହୋଇଛି କଂସ । ଏହା ହିଁ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ସଂକ୍ଷିପ୍ତ ରୂପ । ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନଙ୍କ ଦ୍ୱାରା କଂସର ବିନାଶ ଲୀଳାର ନାଟ୍ୟରୂପ, ଧନୁଯାତ୍ରା ।

ଧନୁଯାତ୍ରାର ପରିକଳ୍ପନା, ଆୟୋଜନ ଏବଂ ଯାତ୍ରାର ବିବରଣୀ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ପ୍ରଣୀତ ଚିତ୍ତବୋଧ ବା ଚଉତବିନୋଦ ଗ୍ରନ୍ଥରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି । ଗୋପରେ ଗୋପଲୀଳା ବା ରାସଲୀଳା ଶେଷରେ କଂସର ନିୟନ୍ତ୍ରଣକ୍ରମେ ଶ୍ରୀକୃଷ୍ଣ ବଳରାମ ଅକ୍ରୁରଙ୍କ ସହ ମଥୁରାରେ ପ୍ରବେଶ, କଂସର ମୋହ ଓ ଦେବୀଙ୍କୁ ଆରାଧନା, ମଥୁରା ଦାଣ୍ଡରେ ଶ୍ରୀକୃଷ୍ଣଙ୍କ ଗମନ, ରଜକ ବିନାଶ, ଭାବବତୀ ପୁତ୍ରକୁ ଜୀବଦାନ, ଶ୍ରୀକୃଷ୍ଣଙ୍କୁ କୁବୁଜା ଗନ୍ଧଚନ୍ଦନ ଦେବା, କୁବୁଜାର ସୁନ୍ଦରରୂପ ପ୍ରାପ୍ତି, ତେଜବତୀର ଜୀବଦାନ, ସୁଦାମାର ବରମାଲ୍ୟଦାନ ଓ ବରପ୍ରାପ୍ତି, ପ୍ରିୟବତୀ ଓ ତାର ପୁତ୍ରାଦିର ଜୀବଦାନ, ଶ୍ରୀକୃଷ୍ଣଙ୍କ ଧନୁଭଙ୍ଗ, ରଙ୍ଗସଭାରେ ପ୍ରବେଶ, କୁବଳୟା ହସ୍ତୀ, ଓ ମାହୁନ୍ତର ବିନାଶ, ଚାଣୁର ମୁଷ୍ଟିକ, କୁକୁଟ ପ୍ରମୁଖ ମଲ୍ଲଙ୍କ ବିନାଶ, କଂସର କୃଷ୍ଣଦର୍ଶନ ଓ ମଞ୍ଚାରୁ ପଡ଼ି ମୃତ୍ୟୁ ତଥା ଉଗ୍ରସେନଙ୍କର ରାଜ୍ୟାଭିଷେକ ପ୍ରଭୃତି ଦୃଶ୍ୟ ଗୀତିନାଟ୍ୟ ଅଥବା ଲୋକନାଟ୍ୟ ଶୈଳୀରେ ବରଗଡ଼ ସହରର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହୋଇଥାଏ । ରଙ୍ଗମହଲ ବା ରଙ୍ଗସଭାରେ ମଞ୍ଚ ଉପରେ ମଧ୍ୟ ଅନେକ ଦୃଶ୍ୟ ପରିବେଷିତ ହୋଇଥାଏ । ଏଥିରେ ଆକର୍ଷଣୀୟ ଚିତ୍ତଗ୍ରାହୀ ସଂଳାପ ଏବଂ ସଙ୍ଗୀତର ମଧ୍ୟ ପ୍ରୟୋଗ କରାଯାଇଥାଏ । ହଜାର ହଜାର ଲୋକ ପ୍ରତ୍ୟହ ଏହି ଦୃଶ୍ୟାବଳୀକୁ ଆନନ୍ଦର ସହ ଉପଭୋଗ କରିଥାନ୍ତି ।

ରଙ୍ଗମହଲ : ପ୍ରତ୍ୟହ ଅପରାହ୍ନରେ ମହାରାଜା କଂସ ନଗର ପରିଭ୍ରମଣ କରି ସନ୍ଧ୍ୟାରେ ସୁସଜ୍ଜିତ ରଙ୍ଗମହଲର ମଣ୍ଡପରେ ବିରାଜମାନ କରିଥାନ୍ତି । ଏଠାରେ ପାତ୍ର ମନ୍ତ୍ରୀଙ୍କ ସହ ମନ୍ତ୍ରଣା ଏବଂ ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଦେଶର ବିଭିନ୍ନ ଅଞ୍ଚଳ ତଥା ବିଦେଶର ଲୋକକଳା ମଧ୍ୟ ପରିବେଷିତ ହୋଇଥାଏ । ନାଚଗୀତର ମଜା ନିଆରି ଦେଖଣାହାରୀ । ଏଥି ନିମନ୍ତେ ଭବ୍ୟ ଆୟୋଜନ ମଧ୍ୟ ହୋଇଥାଏ । ସମଗ୍ର ସହର ରସମୟ ଓ ଚଳଚଞ୍ଚଳ ହୋଇପଡ଼େ । ଜୀରାନଦୀ ଯମୁନାନଦୀରେ ପରିଣତ ହୋଇଥାଏ ଏ ଧନୁଯାତ୍ରାରେ ।

ଧନୁଯାତ୍ରାର ଇତିହାସ : ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ୧୯୪୭-୪୮ରେ ସର୍ବପ୍ରଥମେ ଧନୁଯାତ୍ରା ଶୁଭାରମ୍ଭ ହୋଇଥିଲା । ବୈଷ୍ଣବ ଧର୍ମର ଅଭ୍ୟୁଦୟ ଫଳରେ ବିଭିନ୍ନ ଗ୍ରାମରେ ଭାଗବତ ଟୁଙ୍ଗିମାନ ସ୍ଥାପିତ ହୋଇଥିଲା । ଗ୍ରାମେ ଗ୍ରାମେ ଭାଗବତ ପାରାୟଣ ଓ ନାମଯଜ୍ଞ ଆୟୋଜିତ ହେଉଥିଲା । ଏଥିସହ ରାସଲୀଳା ଓ ରାମଲୀଳା



ପ୍ରଭୃତି ଭୂମିକା ଗ୍ରହଣ କରିଥିଲା । ବରଗଡ଼ରେ ଜୀରାନଦୀ କୂଳରେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଏକ ମନ୍ଦିରରେ ପ୍ରତିଷ୍ଠିତ ହୋଇଥିଲା । ଗୌନ୍ତିଆ ରଘୁନାଥ ଦାଶଙ୍କ ପ୍ରଚେଷ୍ଟାରେ ବିଭିନ୍ନ ନାଟକ ପରିବେଷଣ କରାଯାଉଥିଲା । ୧୯୪୪-୪୫ରେ ଅପର୍ତ୍ତି ପାଣିଗ୍ରାହୀ ବରଗଡ଼ରେ ଏକ ଥିଏଟର ପ୍ରତିଷ୍ଠା କରିଥିଲେ । କାଳକ୍ରମେ ଧନୁଯାତ୍ରାର ପରିକଳ୍ପନା ସାକାର ରୂପ ନେଲା । ସମ୍ପ୍ରତି ଏହା ବିଶ୍ୱର ବୃହତ୍ତମ ଲୋକନାଟକର ମର୍ଯ୍ୟାଦା ଲାଭ କରିଛି ।

କଂସ ଭୂମିକାରେ କଳାକାର : ପ୍ରଥମ ଧନୁଯାତ୍ରା ୧୯୪୮ ଡିସେମ୍ବର ୧୨ ତାରିଖରେ ଆରମ୍ଭ ହୋଇ ୧୯୪୮ ଜାନୁଆରୀ ମାସ ୨୬ ତାରିଖରେ ସମାପ୍ତ ହୋଇଥିଲା । ପ୍ରଥମ ବର୍ଷ ଯୁଧିଷ୍ଠିର ଦାଶ ଏବଂ ଦ୍ୱିତୀୟ ବର୍ଷ ରାଧାଶ୍ୟାମ ଦାଶ କଂସ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ପୂର୍ବରୁ ମଧ୍ୟ ଧନୁଯାତ୍ରାର କେତେକ ଦୃଶ୍ୟକୁ ନେଇ ଯାତ୍ରା ହେଉଥିଲା ବୋଲି ଜଣାଯାଏ । ଅମ୍ବାପାଲିରେ ଥିବା ଭଗ୍ନ ଓ ଜରାଜୀର୍ଣ୍ଣ ଧନୁଯାତ୍ରା ମଣ୍ଡପ ଏହାର ସାକ୍ଷୀ ରୂପେ ରହିଛି । ତେବେ ସ୍ୱୟଂ ସମ୍ପୂର୍ଣ୍ଣ ଧନୁଯାତ୍ରା ୧୯୪୮ରେ ହୋଇଥିଲା ଓ ୧୯୯୮ରେ ସୁବର୍ଣ୍ଣ ଜୟନ୍ତୀ ଧନୁଯାତ୍ରା ଆୟୋଜିତ ହୋଇଥିଲା ।

ଖଳନାୟକ ହିଁ ନାୟକ : ଧନୁଯାତ୍ରାରେ କଳାକାର ମାନଙ୍କ ଅଭିନୟ ସଂଳାପ ଆଦି ସ୍ୱତଃସ୍ଫୂର୍ତ୍ତ । ଏହା ହିଁ ଧନୁଯାତ୍ରାର ବୈଶିଷ୍ଟ୍ୟ । ଖଳନାୟକ କଂସ ହିଁ ଏହି ଯାତ୍ରାର ମୁଖ୍ୟ ନାୟକ । କଂସର ଅଭିନୟ ଏବଂ ସଂଳାପ ଉଚ୍ଚାରଣରେ ଧନୁଯାତ୍ରାର ସଫଳତା ସମ୍ପର୍କରେ ଆକଳନ କରାଯାଇଥାଏ । ପୌଷ ପୂର୍ଣ୍ଣିମା ତିଥିରେ କଂସବଧ ଦୃଶ୍ୟ ପରିବେଷିତ ହୋଇଥାଏ । ବରଗଡ଼ ସମଗ୍ର ଦେଶରେ ଏକ କୃଷିପ୍ରଧାନ ଜିଲ୍ଲା ଭାବରେ ସ୍ୱୀକୃତି ଲାଭ କରିଛି । କୃଷକମାନେ ଖୋଲାମନରେ ଉଲ୍ଲାସର ସହ ଉପଭୋଗ କରିପାରିବେ ବୋଲି ପୌଷମାସରେ ଧନୁଯାତ୍ରାର ପରିକଳ୍ପନା କରାଯାଇଛି । ଶ୍ରୀକୃଷ୍ଣ ୧୧ ବର୍ଷ ବୟସରେ ଗୋପପୁରରୁ ମଥୁରାକୁ ଆସିଥିଲେ । ତେବେ ସେ ପୌଷମାସରେ ଆସିନଥିଲେ ବୋଲି କେତେକ ପୌରାଣିକ ଆଖ୍ୟାନରୁ ସୂଚୀତ ହୁଏ । ସମ୍ପ୍ରତି ହୃଷିକେଶ ଭୋଇ କଂସ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି । ତାଙ୍କ ପୂର୍ବରୁ ଜନୈକ ପୁଲିସ୍ ଅଧିକାରୀ ଗୋପାଳ ସାହୁ ଓରଫ୍ ଏଲି ସାହୁ ମଧ୍ୟ ଏହି ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କର ଚିତ୍ତ ହରଣ କରୁଥିଲେ । ହିଳିପାଲି ଗ୍ରାମର ଅପେରା କଳାକାର ଦେବେନ୍ଦ୍ର ବିଶ୍ୱାଳ ମଧ୍ୟ ୨ ବର୍ଷ କଂସ ଭୂମିକାରେ ଅଭିନୟ କରିଥିଲେ ।

ଧନୁଯାତ୍ରାର ଆକର୍ଷଣ : ଧନୁଯାତ୍ରା ସମୟରେ ବହୁ ଆକର୍ଷଣୀୟ ଦୃଶ୍ୟ ତଥା ଅନୁଭୂତି ଉପଲବ୍ଧ ହୁଏ । ବହୁ ସଂଖ୍ୟକ ଅସ୍ଥାୟୀ ଦୋକାନ, ମୀନାବଜାର, ବିଭିନ୍ନ ପ୍ରକାରର ପ୍ରଦର୍ଶନୀ ଆଦି ଅନୁଷ୍ଠିତ ହୋଇଥାଏ । ଧନୁଯାତ୍ରା ଅଞ୍ଚଳ ଲୋକାରଣ୍ୟ ହୁଏ । ଘରେ ଘରେ ଅତିଥି ମାନଙ୍କର ଭିଡ଼ ଜମେ । ହଜାର ହଜାର କଳାକାର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ପରିବେଷଣ କରିଥାନ୍ତି । ମଞ୍ଚ କଳା ଏହି ଯାତ୍ରାର ମନୋରଞ୍ଜନ କାର୍ଯ୍ୟକ୍ରମର ମୂଳାଧାର ହୋଇଥିବାରୁ ଏଥିପ୍ରତି ଯଥେଷ୍ଟ ଗୁରୁତ୍ୱାରୋପ କରାଯାଇଥାଏ । ପୂର୍ବେ ନିରାଡ଼ମ୍ବର ଭାବରେ ପାଳିତ ହେଉଥିଲା ଏହି ଯାତ୍ରା । ସମ୍ପ୍ରତି ଭବ୍ୟ ଆୟୋଜନ ଏବଂ ଆଲୋକସଜ୍ଜା ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମ ଦର୍ଶକମାନଙ୍କର ଆଖି ଝଲସାଇ ଦେଇଛି ।

ସରକାରୀ କାର୍ଯ୍ୟକ୍ରମ : ସ୍ଥାନୀୟ କଳାପ୍ରେମୀ ତଥା ଆଧ୍ୟାତ୍ମିକପ୍ରେମୀ ଜନସାଧାରଣଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଧନୁଯାତ୍ରା ସମ୍ପ୍ରତି ପ୍ରାୟତଃ ଏକ ସରକାରୀ କାର୍ଯ୍ୟକ୍ରମର ରୂପ ନେଇଛି । ପୂର୍ବେ ହାଟପଦାରେ ଆୟୋଜିତ ହେଉଥିଲା ମୁକ୍ତାକାଶରେ । ପରେ ଏକ ସୁଦୃଶ୍ୟ ମଣ୍ଡପ ନିର୍ମାଣ କରାଯାଇଥିଲା । ଏ ବର୍ଷ ନିଶାମଣି ପଡ଼ିଆର ନବନିର୍ମିତ ରଙ୍ଗମହଲରେ ଏହି କାର୍ଯ୍ୟକ୍ରମର ପ୍ରମୁଖ ଦୃଶ୍ୟାବଳୀ ପରିବେଷିତ ହେଉଛି । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ ଏକ କମିଟି ଆୟୋଜନର ସକଳ ଦାୟିତ୍ୱ ଗ୍ରହଣ କରିଛି ।

କଂସର ଦର୍ପ : ଧନୁଯାତ୍ରାରେ କଂସର ଦର୍ପ ଅନେକ । ଏହି ଯାତ୍ରା ସମୟରେ କଂସର ନିର୍ଦ୍ଦେଶନାମାକୁ ସରକାରୀ ତଥା ବେସରକାରୀ ସ୍ତରରେ ପ୍ରତୀକାତ୍ମକ ଭାବରେ ପାଳନ କରାଯାଇଥାଏ । ଏପରିକି ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କ ଉଚ୍ଚପଦାଧିକାରୀମାନଙ୍କୁ ମଧ୍ୟ ଜୋରିମାନା ଦଣ୍ଡରେ ଦଣ୍ଡିତ କରନ୍ତି । ସେମାନଙ୍କୁ ବିଭିନ୍ନ ଉପଦେଶ ତଥା ଆଦେଶ ପ୍ରଦାନ କରନ୍ତି । ଏହା ଏକ ନିଆରା ପର୍ବ । କଂସଙ୍କ ଆଚରଣର ଚର୍ଚ୍ଚା ହୁଏ ସହରର ପ୍ରତ୍ୟେକ ଅଞ୍ଚଳରେ । ସମଗ୍ର ବରଗଡ଼ ସହରରେ ଉତ୍ସବ ମୁଖର ବାତାବରଣ । ମଥୁରା ପରିକ୍ରମା କାଳରେ ସ୍ଥାନେ ସ୍ଥାନେ କୃଷ୍ଣ ବଳରାମଙ୍କର ଆରାଧନା କରାଯାଇଥାଏ ।

ପ୍ରତିକୂଳ ପରିସ୍ଥିତି : ପୂର୍ବେ ଧନୁଯାତ୍ରା ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଓ କଷ୍ଟସାଧ ପ୍ରକ୍ରିୟାରେ ଆୟୋଜିତ ହେଉଥିଲା । ନାନାବିଧ କାରଣରୁ ୧୯୫୦ରୁ ୧୯୫୬, ୧୯୭୨, ୧୯୮୩ ଏବଂ ୧୯୯୧ରେ ଏହା ଆୟୋଜିତ ହୋଇପାରିନଥିଲା । ଆହୁରି ମଧ୍ୟ ୧୯୬୦ରୁ ୧୯୬୭ ପର୍ଯ୍ୟନ୍ତ ଧନୁଯାତ୍ରା ଆୟୋଜିତ ହୋଇଥିବାର କୌଣସି ପ୍ରମାଣ ନାହିଁ । ପୁନଶ୍ଚ ୧୯୯୦ରେ ୨ଥର ଧନୁଯାତ୍ରା ଆୟୋଜିତ ହୋଇଥିଲା । ୧୯୭୩ରୁ ଏଯାବତ୍ ଧନୁଯାତ୍ରା ୧୧ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । କେବଳ ୧୯୯୩ରେ ପ୍ରବଳ ବର୍ଷା ଯୋଗୁଁ ଧନୁଯାତ୍ରାର ଅବଧି ଦୁଇ ଦିନ ବଢ଼ାଇ ଦିଆଯାଇଥିଲା । ୧୯୯୨ରୁ ଏଯାବତ୍ ପ୍ରତ୍ୟେକ ବର୍ଷ ଧନୁଯାତ୍ରା ଆୟୋଜିତ ହୋଇଆସୁଛି ଏବଂ ଏହି ଧାରା ଅବ୍ୟାହତ ରହିବ ବୋଲି ଆଶା କରାଯାଏ ।

ସାଂସ୍କୃତିକ ଚେତନାର ପର୍ବ : ସମ୍ପ୍ରତି ବରଗଡ଼ର ଆଖପାଖ ଗ୍ରାମାଞ୍ଚଳ ତଥା ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି ଧନୁଯାତ୍ରା । ବରଗଡ଼ର ଧନୁଯାତ୍ରା ତାର ପୂର୍ବ ଲୋକପ୍ରିୟତା ବଜାୟ ରଖି ଅଧିକ ସୁସଂଗଠିତ ଓ ଆକର୍ଷଣୀୟ ହେବାରେ ଲାଗିଛି । ବରଗଡ଼ର ସାଂସ୍କୃତିକ ପରମ୍ପରାର ଏକ ଅଙ୍ଗରେ ପରିଣତ ହୋଇଛି ଧନୁଯାତ୍ରା । ଧନୁଯାତ୍ରା ସମୟରେ କଳା, ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧିତ ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବରଗଡ଼ରେ । ପ୍ରତ୍ୟେକ ବରଗଡ଼ବାସୀ କୌଣସି ନା କୌଣସି ପ୍ରକାରେ ଧନୁଯାତ୍ରାରେ ସାମିଲ ହେବାକୁ ବ୍ୟଗ୍ରତା ପ୍ରକାଶ କରୁଛନ୍ତି । ଏହା ଏକ ସାଂସ୍କୃତିକ ଚେତନା ଜାଗରଣର ପର୍ବ । ଯେଉଁମାନେ ଏହି ମହାନ ପର୍ବର ପରିକଳ୍ପନା କଲେ ଏବଂ ଯେଉଁମାନେ ତାର ଗତିପଥକୁ ଅବ୍ୟାହତ ରଖିବାରେ କାର୍ଯ୍ୟ କରିଆସିଛନ୍ତି ସେମାନେ ସମସ୍ତେ ପ୍ରଶଂସାର ପାତ୍ର ।

ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭
E-mail : abhaya123das@gmail.com

# ଜଣେ ଥିଲେ ମାକଲେ...

ଗୋପାଳ ମହାପାତ୍ର

ଡ଼ିସେମ୍ବର ୨୮ ତାରିଖର ଏକ ସ୍ୱତନ୍ତ୍ରତା ରହିଛି । ସ୍ୱତନ୍ତ୍ରତା ହେଉଛି ୧୬୬ବର୍ଷ ପୂର୍ବେ ଏହି ଦିନରେ ଜଣେ ବ୍ୟକ୍ତି ସଂସାରରୁ ବିଦାୟ ନେଇଥିଲେ ଯାହାକୁ ଆଜିବି ଆମେ ମନେପକାଉଛେ ଯେ ଏହି ବ୍ୟକ୍ତି ଜଣକ ଆମ ଦେଶର ଶିକ୍ଷା ବ୍ୟବସ୍ଥାକୁ ଖରାପ କରିଦେଇଥିଲେ । ସେହି ବ୍ୟକ୍ତି, ତାଙ୍କ କାମ ବାବଦରେ ଅନେକ ଲୋକଙ୍କୁ ଜଣାନାହିଁ କିନ୍ତୁ ଗାଳି କରାଯାଉଛି । କୁହାଯାଉଛି ତାଙ୍କ କାମର ଫଳ ଆଉ ଆମେ ଭୋଗିବା ନାହିଁ, ସବୁ ଠିକ୍ ହୋଇଯିବ, ଏକ ନୂଆ ସକାଳ (ସମୟ) ଆସିବ । ଏହି ବ୍ୟକ୍ତଜଣଙ୍କ ନାମ ହେଉଛି ମାକଲେ । ମାକଲେ ଇଂରେଜ ଥିଲେ ଏବଂ ଭାରତରେ ବ୍ରିଟଶ ଶାସନବେଳେ ଇଂରାଜୀ ଶିକ୍ଷା ବ୍ୟବସ୍ଥାର ପ୍ରସାର କରାଇଥିଲେ । ଏହି ଶିକ୍ଷା ବ୍ୟବସ୍ଥା ୧୮୩୫ରୁ ଏଯାବତ୍ ଚାଲିଆସିଛି । ଆମକୁ ଏବେ ଜଣା ନାହିଁ ଯେ ଏହି ଶିକ୍ଷା ବ୍ୟବସ୍ଥା କେବେ ଶେଷ ହେବ ଓ ଶେଷ ହୋଇପାରିବ କି ନାହିଁ? ଆମ ଦେଶ ତ ସନାତନ ଦେଶ । ୧୮୩୫ରୁ ଅଦ୍ୟାବଧି ୧୯୦ବର୍ଷ ଅଧିକ କିଛି ନୁହେଁ । ଏହାପୂର୍ବରୁ ଯେଉଁ ଶିକ୍ଷା ବ୍ୟବସ୍ଥା ଥିଲା ସେଥିରେ ଗୁରୁକୂଳ, ତକ୍ଷଶିଳା, ନାଳନ୍ଦା, ଉଜ୍ଜୟନୀ ଭଳି କେତେ କ'ଣ ସବୁ ନଥିଲା । କ'ଣ ସେସବୁ ଏତେ ଦୁର୍ବଳ ଥିଲା ଯେ ଜଣେ ମାକଲେ ଆସିଲେ ଆଉ ସେସବୁ ବ୍ୟବସ୍ଥାକୁ ମୂଳରୁ ଉପାଡ଼ି ଫିଙ୍ଗିଦେଲେ ନା ଆମେ ସେ ବ୍ୟବସ୍ଥାକୁ ସମ୍ଭାଳି ରଖିବାରେ ଅକ୍ଷମ ଥିଲେ ?

ଏମିତି ହୁଏତ କରାଯାଇପାରେ, ବ୍ରିଟିଶ ମାକଲେ ବ୍ୟବସ୍ଥାକୁ ଖତମ କରିବା ପାଇଁ ବର୍ଷେ, ଦୁଇବର୍ଷ, ପାଞ୍ଚବର୍ଷ ଯଦି ଆମେ ଏହି ବ୍ୟବସ୍ଥାରେ ନ ପଢ଼ିବା ତେବେ କ୍ଷତି କ'ଣ ? କ'ଣ ଆକାଶ ଛିଣ୍ଡି ପଡ଼ିବ? ଏମିତିରେ ପଢ଼ି ମଧ୍ୟ ଆମେ ସେହି ବ୍ୟକ୍ତିଙ୍କ ବ୍ୟବସ୍ଥାକୁ ଅଧିକ ମଜଭୁତ୍ କରୁଛେ । କିଛି ବର୍ଷ ଯଦି ବିଲକୁଲ ନ ପଢ଼ିବା ତେବେ ହୁଏତ ମାକଲେ କଥା / ବ୍ୟବସ୍ଥାକୁ ଭୁଲିଯିବା । ଆରମ୍ଭ କରିବାକୁ ଅନେକ କଥା ଆସିପାରେ । ମାକଲେ ସ୍କୁଲର ସମୟସୀମା, ସ୍କୁଲ ଫିସ୍, ଅଭିଭାବକ ଶିକ୍ଷକ ମିଟିଂ, ଶିକ୍ଷକଙ୍କ ଛୁଟି, ପିଲାଙ୍କ ଛୁଟି ଓ ପିଲାଙ୍କ ଖେଳଭଳି ଅନେକ କଥା ସ୍ଥିର କରି ନଥିଲେ । ଏସବୁକୁ ବଦଳା ଯାଇ ପାରିବ । ସ୍କୁଲ ଶିକ୍ଷକମାନେ ପିଲାଙ୍କୁ ପାଠ ନ ପଢ଼ାଇ ଯେଉଁ ସରକାରୀ କାମ ଗୁଡ଼ିକରେ ବ୍ୟସ୍ତ ରହୁଛନ୍ତି ସେ କଥ କ'ଣ ମାକଲେ ସ୍ଥିର କରିଥିଲେ ? ଟିକିଏ ଆଗକୁ ଯଦି ଦେଖିବା ତେବେ ଆଇ.ଏ.ଏସ୍, ଆ.ପି.ଏସ୍ ଭଳି ଅନେକ ସରକାରୀ ଚାକିରୀ ମଧ୍ୟ ସେହି ମାକଲେ ପାଠପଢ଼ା ବ୍ୟବସ୍ଥାର ଉପଲବ୍ଧି । ଏସବୁ କେମିତି ବଦଳାଇବା ? ଆଇଏଏସ୍ ବଦଳରେ କ'ଣ ପ୍ରାଇଭେଟ ସେକ୍ଟରରୁ ସିଧା ସଳଖ ନିଯୁକ୍ତି ଦିଆଯାଇପାରିବ ? ପ୍ରାଇଭେଟ ସେକ୍ଟରରୁ ଯାହାକୁ ବି ଅଣାଯିବ ସେ ସେହି ମାକଲେ ବ୍ୟବସ୍ଥାରେ ପଢ଼ିଥିବେ । ତେବେ କ'ଣ କରାଯିବ ? ମାକଲେ ବ୍ୟବସ୍ଥାରେ ପଢ଼ିଥିବା ଅନ୍ୟସବୁ ବଡ଼ ବଡ଼ ଚାକିରିଆଙ୍କର କ'ଣ ହେବ ? ସେସବୁ ପାଠପଢ଼ା ବ୍ୟବସ୍ଥାକୁ କେମିତି ବଦଳାଇବା ?

ମାକଲେଙ୍କ ପୂର୍ବରୁ ମୋଗଲ ଥିଲେ, ରାଜା ମହାରାଜା ଥିଲେ । ଏପରିକି ମୌର୍ଯ୍ୟ, ଗୁପ୍ତ ଓ ଚୋଳବଂଶ ଭଳି ଅନେକେ ଏ ଦେଶରେ ରାଜୁତି କରୁଥିଲେ । ଏବେ ଯଦି ମାକଲେ ବ୍ୟବସ୍ଥାକୁ ବଦଳାଇବା ତେବେ କାହାକୁ ଆପଣେଇବା ? ୧୯୦ବର୍ଷର ମାକଲେ ବ୍ୟବସ୍ଥାକୁ ବଦଳାଇବା ପାଇଁ ଆମକୁ ଆହୁରି ଅନେକ ବର୍ଷ ଲାଗିଯିବ କାରଣ ସଂପୂର୍ଣ୍ଣତନ୍ତ୍ର ମାକଲେଙ୍କ ମୂଳଦୁଆ ଉପରେ ହିଁ ଠିଆ ହୋଇଛି । ଗୋଟିଏ ବାଟଅଛି ଓ ତାହା ହେଉଛି ପୁରା ମୁର୍ଖ ବା ଅପାଠୁଆଙ୍କ ହାତରେ ପୁରାପୁରି ତନ୍ତ୍ରକୁ ଟେକି ଦିଆଯାଉ । କେବଳ ପାଠପଢ଼ାରେ ନୁହେଁ ସବୁକଥାରେ ମାକଲେ ବିରୋଧ କରାଯାଉ । ଏଭଳି ଲୋକଙ୍କ ହାତରେ ବ୍ୟବସ୍ଥାକୁ ଟେକି ଦିଆଯାଉ ଯିଏ ମାକଲେ ଓ ତାଙ୍କ ଶିକ୍ଷା ବ୍ୟବସ୍ଥା ବାବଦରେ ଜାଣି ନଥିବେ । ଏବେ ଏମିତି ଲୋକ ଖୋଜିବା ଦରକାର କାରଣ ବାକି ସମସ୍ତେ ତ ମାକଲେଙ୍କ ବ୍ୟବସ୍ଥାର ଅନୁଗାମି । କାହାଣୀରେ ଶୁଣିବାଭଳି ପୂର୍ବର ସେହି ଗୁରୁକୁଳ, ଆର୍ଯ୍ୟାଙ୍କ ଆଶ୍ରମ ଓ ପ୍ରାଚୀନ ବ୍ୟବସ୍ଥା ସବୁ ଯଦି ହୋଇପାରିବ ତେବେ କେତେ ବଢ଼ିଆ ହୋଇଯିବ ।

ଅନେକେ ମାକଲେଙ୍କୁ ଗାଳି ଦେଉଛନ୍ତି । ଦେଶ ସ୍ୱାଧୀନ ହେବାର ଏତେ ବର୍ଷ ପରେ ମଧ୍ୟ ମାକଲେ ବ୍ୟବସ୍ଥାକୁ ରଦ୍ଦକରି ନୂଆ ବ୍ୟବସ୍ଥାକୁ ଆଣିବାକୁ କାହାକୁ ଫୁରସତ୍ ମିଳିଲା ନାହିଁ କେମିତି ? ମାକଲେଙ୍କ ଶିକ୍ଷାନୀତିକୁ ବେକାର/ଅଦରକାରୀ ବୋଲି କୁହାଯାଉଛି ହେଲେ ତାକୁ ବଦଳାଇବା ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଉ ନାହିଁ କାହିଁକି ? ପ୍ରକୃତ ସତ୍ୟ ହେଉଛି ମାକଲେ ବ୍ୟବସ୍ଥା ଆମକୁ ସୁହାଇଛି ଓ ତନ୍ତ୍ର/ବ୍ୟବସ୍ଥା ବ୍ୟବସ୍ଥା ସୂଚାରୁରୂପେ ଚାଲିପାରୁଛି । ଏପରିକି ଏହା ସୁବିଧାଜନକ ମଧ୍ୟ । ଏହି ବ୍ୟବସ୍ଥା ଆମକୁ ଶାସନ, ନିଯୁକ୍ତି, ଆଡ଼ମ୍ବର ଓ କ୍ଷମତା ଦେଇଛି । ମାକଲେଙ୍କ ବାହାନାରେ ନିଜର ନିକମାପଣିଆକୁ ଢ଼ାଙ୍କିବାପାଇଁ ଉଦ୍ୟମ କରାଯାଉଛି । କୁହାଯାଉଛି ବ୍ୟବସ୍ଥାର ତ୍ରୁଟିପାଇଁ ୨୦୦ବର୍ଷର ତଳ ଇଂରେଜମାନେ ଦାୟୀ । ମାକଲେଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରିବର୍ତ୍ତେ ଉଦ୍ୟମ କରାଯିବା ଉଚିତ୍ । ମାକଲେ ତ ସେହି ଜୀବନ ଯାହା ଆମେ ସମସ୍ତେ ଜୀଉଁଛେ । ମାକଲେ ତ ପୁରାପୁରି ବ୍ୟବସ୍ଥା । ମାକଲେ ଆମେ ଆଉ ଆପଣ ସମସ୍ତେ । ବଦଳାଇ ପାରିବା ତ ସମସ୍ତଙ୍କୁ ବଦଳିବାକୁ ପଡ଼ିବ ।

ରାମଚନ୍ଦ୍ରପୁର, ରଣପୁର
ମୋ.-୯୪୩୮୪୮୫୦୯୪



# ଜାପାନକୁ ପଛରେ ପକାଇଲା ଚୀନ

**ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି):** ଚୀନର ନ୍ୟାସନାଲ୍ ୟୁନିଭରସିଟି ଅଫ୍ ଡିଫେନ୍ସ ଟେକ୍ନୋଲୋଜି ବିଶ୍ୱର ସବୁଠାରୁ ଦ୍ରୁତତମ ମ୍ୟାଗ୍ଲେଭ୍ ଟ୍ରେନ୍ ନିର୍ମାଣ କରିଛି, ଯାହାକି ମାତ୍ର ୨ ସେକେଣ୍ଡରେ ଧରିବ ଘଣ୍ଟା ପ୍ରତି ୭୦୦ କିଲୋମିଟର ସ୍ପିଡ୍ । ଏହି ଅଲ୍ଟ୍ରା-ହାଇ-ସ୍ପିଡ୍ ଟେକ୍ନୋଲୋଜି ଭବିଷ୍ୟତର ଯାତ୍ରା, ହାଇପରଲୁପ୍ ସିଷ୍ଟମ୍ ଏବଂ ଦୂର ସହରଗୁଡ଼ିକୁ ମାତ୍ର କିଛି ମିନିଟରେ ସଂଯୋଗ କରିବାର ସମ୍ଭାବନାକୁ ଦର୍ଶାଉଛି । ଏହି ପ୍ରୋଜେକ୍ଟ ପାଇଁ ୧୦ ବର୍ଷ ଧରି ଗବେଷଣା ଚାଲିଥିଲା । ଏହା ସହ ଜାପାନକୁ ପଛରେ ପକାଇଛି ଚୀନ୍ । ପୂର୍ବରୁ ଜାପାନର ସବୁଠାରୁ ଦ୍ରୁତତମ ଟ୍ରେନ୍ ଥିଲା JR-ମାଗଲେଭ୍, ଯାହାକି ୫୮୧ କିମି/ଘଣ୍ଟା ବେଗରେ ପହଞ୍ଚିବାର କ୍ଷମତା ରଖିଛି। ଏହି ଟେଷ୍ଟ ୪୦୦ ମିଟର ଲମ୍ବା ଟ୍ରାକରେ ହୋଇଛି । ଯାହାକୁ ମାଗ୍ନେଟିକ୍ ଲେଭିଟେସନ୍ ଟ୍ରାକ୍ ଉପରେ ପରୀକ୍ଷା କରାଯାଇଥିଲା । ଏହି ଗତିରେ ଟ୍ରେନକୁ ସୁରକ୍ଷିତ ଭାବରେ ମଧ୍ୟ ଅଟକାଯାଇଥିଲା । NUDT ପ୍ରଫେସର ଲି ଜିଙ୍କ ଅନୁଯାୟୀ, ଏହି ସଫଳତା ଚୀନର ଅଲ୍ଟ୍ରା-ହାଇ-ସ୍ପିଡ୍ ମ୍ୟାଗ୍ନେଟ୍ ପରିବହନ ପ୍ରଣାଳୀର ଗବେଷଣା ଏବଂ ବିକାଶକୁ ଉଲ୍ଲେଖନୀୟ ଭାବରେ ତ୍ୱରାନ୍ୱିତ କରିବ। ଏହି ବାହନ କେବଳ ଏକ ଟେସିସ୍ ଭଳି ଲାଗିଥାଏ । ତାହା



ଟ୍ରାକ୍ରେ ଖୁବ୍ ଦ୍ରୁତ ଗତିରେ ଯାଇଥାଏ । ଟ୍ରାକରେ ଯିବା ସମୟରେ ପଛ ପଟୁ ଧୂଆଁ ମଧ୍ୟ ଛାଡିଥାଏ । ଏହା ହେଉଛି ସୁପର କଣ୍ଡକ୍ଟିଂ ଇଲେକ୍ଟ୍ରିକ୍ ମାଗଲେଭ୍ ସିଷ୍ଟମ, ଯାହାକି ଦୁନିଆର ସବୁଠାରୁ ଦ୍ରୁତ ଏକ୍ସଲେସନ୍ ଓ ସ୍ପିଡର ରେକର୍ଡ । ପ୍ରଫେସର ଲି କହିଛନ୍ତି ତାଙ୍କର ଭବିଷ୍ୟତର ଧ୍ୟାନ ହାଇ-ସ୍ପିଡ୍ ମ୍ୟାଗ୍ନେଟ୍ ପାଇପଲାଇନ୍ ପରିବହନ, ଏରୋସ୍ପେସ୍ ଉପକରଣ ପରୀକ୍ଷଣ ଏବଂ ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ଲଞ୍ଚ ଭଳି ନୂତନ ଟେକ୍ନୋଲୋଜି ଉପରେ ରହିବ । ମାଗଲେଭ ଟ୍ରେନର ପୁରା ନାମ ମ୍ୟାଗନେଟିକ୍ ଲେଭିଟେସନ୍ ଟ୍ରେନ। ଏହା ଏକ ସ୍ୱତନ୍ତ୍ର ପ୍ରକାରର ହାଇ-ସ୍ପିଡ୍ ଟ୍ରେନ ଯାହା ସାଧାରଣ ଟ୍ରାକରେ ଚକ ଉପରେ ଚାଲିଥାଏ ନାହିଁ, ବରଂ ଚୁମ୍ବକୀୟ ଶକ୍ତି ଦ୍ୱାରା ଟ୍ରାକ ଉପରେ କିଛି ସେଣ୍ଟିମିଟର ଉପରେ ବାୟୁରେ ଭାସିଥାଏ । ଟ୍ରେନ୍ ଏବଂ ଟ୍ରାକରେ ଶକ୍ତିଶାଳୀ ଇଲେକ୍ଟ୍ରୋ ମ୍ୟାଗନେଟ୍ ରହିଥାଏ । ସମାନ ଚୁମ୍ବକ ପରସ୍ପରକୁ ବିରୋଧ କରି ଠେଲି ଦିଅନ୍ତି, ଯାହା ଫଳରେ ଟ୍ରେନ୍ ଟ୍ରାକ୍ ଉପରେ ଉଠିଯାଏ (ପ୍ରାୟ ୧-୧୦ ସେମି) । ଟ୍ରେନ୍ କୁ ଆଗକୁ ବଢାଇବା ପାଇଁ, ଚୁମ୍ବକୀୟ କ୍ଷେତ୍ରକୁ ବିକଳ୍ପ ଭାବରେ ଟାଣି ଏବଂ ଠେଲି ଦିଆଯାଏ । ଏହାଦ୍ୱାରା ଘର୍ଷଣ ସୃଷ୍ଟି ହୋଇନଥାଏ, ତେଣୁ ଟ୍ରେନକୁ ବହୁତ ଦ୍ରୁତ ଗତିରେ ଚଳାଇ ହୁଏ।

## ନାଇଜେରିଆ ଆତଙ୍କବାଦୀ ଶିବିରରେ ଆମେରିକାର ଏୟାର୍ ଷ୍ଟ୍ରାଇକ୍

**ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି):** ଉତ୍ତର-ପଶ୍ଚିମ ନାଇଜେରିଆରେ ଇସଲାମିକ୍ ଷ୍ଟେଟ୍ ଆତଙ୍କବାଦୀଙ୍କୁ ଟାର୍ଗେଟ୍ କରି ଆମେରିକା ଏକ ବଡ଼ ଧରଣର ବିମାନ ଆକ୍ରମଣ କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ କହିଛନ୍ତି ଯେ, ଇସଲାମିକ୍ ଷ୍ଟେଟ୍ ଆତଙ୍କବାଦୀଙ୍କ ବିରୋଧରେ ଏହି ଶକ୍ତିଶାଳୀ ଆକ୍ରମଣ କରାଯାଇଥିଲା, ଯେଉଁମାନେ ମୁଖ୍ୟତଃ ନିରୀହ ଖ୍ରୀଷ୍ଟିଆନମାନଙ୍କୁ ଟାର୍ଗେଟ୍ କରି ହତ୍ୟା କରୁଥିଲେ । ଏକାଧିକ ସଶସ୍ତ୍ର ଗୋଷ୍ଠୀ ସହ ଲଢୁଥିବା ନାଇଜେରିଆ କହିଛି ଯେ ଆମେରିକାର ଆକ୍ରମଣ ଦୁଇ ଦେଶ ମଧ୍ୟରେ ଗୁଇନ୍ଦା ଓ ରଣନୀତିକ ସମନ୍ୱୟର ଏକ ଅଂଶ। ଆଫ୍ରିକାର ସବୁଠାରୁ ଜନବହୁଳ ଦେଶର ସଶସ୍ତ୍ର ଗୋଷ୍ଠୀରେ ଇସଲାମିକ୍ ଷ୍ଟେଟ୍ ସହିତ ଜଡିତ ଅତି କମ୍ରେ ଦୁଇଟି ଗୋଷ୍ଠୀ ଅଛନ୍ତି। ଉତ୍ତର-ପୂର୍ବରେ ଇସଲାମିକ୍ ଷ୍ଟେଟ୍ ପଶ୍ଚିମ ଆଫ୍ରିକା ପ୍ରଦେଶ ଭାବରେ ଜଣାଶୁଣା ବୋକୋ ହାରାମ ଉଗ୍ରବାଦୀ ଗୋଷ୍ଠୀର ଏକ ଶାଖା ଏବଂ ସ୍ଥାନୀୟ ଭାବରେ ଲକୁରାୱା ଭାବରେ ଜଣାଶୁଣା ଉତ୍ତର-ପଶ୍ଚିମରେ ପ୍ରମୁଖ ଇସଲାମିକ୍ ଷ୍ଟେଟ୍ ସାହେଲ ପ୍ରଦେଶ (ଆଇଏସ୍‌ଏସ୍ପି) । ଯଦିଓ ଅଧିକାରୀମାନେ କେଉଁ ଗୋଷ୍ଠୀକୁ ଟାର୍ଗେଟ୍ କରାଯାଇଥିଲା ତାହା କହି ନାହାନ୍ତି । ତେବେ ସଂପୃକ୍ତ ଗୋଷ୍ଠୀ ଲକୁରାୱାର ସଦସ୍ୟ ହୋଇପାରନ୍ତି, ଯେଉଁମାନେ ଗତ ବର୍ଷ ସୋକୋଟୋ ଓ କେବି ପରି ସୀମାବର୍ତ୍ତୀ ରାଜ୍ୟରେ ଅଧିକ ଘାତକ ହେବା ସହ ସୁରକ୍ଷା ବାହିନୀକୁ ଟାର୍ଗେଟ୍ କରିଥିଲେ।

# ହିନ୍ଦୁଙ୍କ ରକ୍ଷା ନକଲେ ବହୁତ ଡେରି ହୋଇଯିବ

**ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି):** ବାଂଲାଦଶରେ ହିନ୍ଦୁଙ୍କ ଉପରେ ଯେଉଁଳି ଭାବେ ଅତ୍ୟାଚାର ବଢ଼ିବାରେ ଲାଗିଛି ତାହାକୁ ନେଇ ଏବେ ସବୁଠି ଚର୍ଚ୍ଚା । ଦିନକୁ ଦିନ ଏହା ଉଗ୍ର ହେଉଥିବା ବେଳେ ପ୍ରତିକ୍ରିୟା ରଖିଛନ୍ତି ବାଗେଶ୍ୱର ବାବା ଧିରେନ୍ଦ୍ର ନାଥ ଶାସ୍ତ୍ରୀ। ଛତିଶଗଡ଼ର ଭିଲାଇରେ ଚାଲିଛି ବାଗେଶ୍ୱର ଧାମର ମୁଖ୍ୟ ଧରେନ୍ଦ୍ର ଶାସ୍ତ୍ରୀଙ୍କ ଦ୍ୱାରା ହନୁମାନ ଚାଳିଶା ଗାନ। ରାମ ନାମ ଏବଂ ହନୁମାନଙ୍କ ନାମ ଗାନ କରାଯାଉଛି। ଡିସେମ୍ବର ୨୫ରୁ ୩୦ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି । ତେବେ ଏହି ଅବସରରେ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ବଢ଼ି ଚାଲିଥିବା ଅତ୍ୟାଚାରକୁ କିଭଳି ଭାବେ ରୋକା ଯାଇପାରିବ ଏହା ଉପରେ କହିଛନ୍ତି । ତେବେ ଦ୍ୱିତୀୟ ଦିନରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ପତ୍ନୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ହନୁମାନ ଚାଳିଶା ଗାନ କରିଥିଲେ । ବାଗେଶ୍ୱର ବାବା କେଶଲ୍ୟା ସାଏଙ୍କୁ 'ମାମି' କହି ସମ୍ବୋଧନ କରିଥିଲେ । ପରେ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ବଢୁଥିବା ଅତ୍ୟାଚାର ଉପରେ କହିଥିଲେ । କହିଥିଲେ କି,ସମ୍ପର୍କରେ ଭାରତ ସରକାରଙ୍କ ପାଖରେ ଖବର ପହଞ୍ଚିବା ଦରକାର । ଯଦି ଏବେ ବାଂଲାଦେଶରେ ହିନ୍ଦୁ ମାନଙ୍କୁ ବଞ୍ଚାଯାଇ ନପାରେ ତାହେଲେ ବହୁତ ବିଳମ୍ବ ହୋଇଯିବ । ଏହାସହ ବାବା କହିଥିଲେ କି, ଯଦି ସରକାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଯଦି ବାଂଲାଦେଶୀ ହିନ୍ଦୁ ମାନଙ୍କୁ ରକ୍ଷା ନକରନ୍ତି, ତାହେଲେ ବାଂଲାଦେଶରେ ହିନ୍ଦୁମାନେ ନିଶ୍ଚିହ୍ନ ହୋଇଯିବେ। ଯାହାର ପ୍ରଭାବ ପରବର୍ତ୍ତୀ ସମୟରେ ଭାରତ ଉପରେ ପଡ଼ିବ ଏବଂ ଏହା ଆଗକୁ ଭୟଙ୍କର ହୋଇଯିବ । ତେଣୁ ଭାରତ ସରକାର ଏହା ଉପରେ ଆଗୁଆ ଗୁରୁତ୍ୱ ଦେବା ଉଚିତ । ବାଂଲାଦେଶୀ



ହିନ୍ଦୁମାନଙ୍କୁ ସରକାର ସୁରକ୍ଷା ପାଇଁ କଡ଼ା ପଦକ୍ଷେପ ନେବା ଉଚିତ ଆଉ ଏକ ଅନୁରୋଧ ହେଉଛି କି,ଭାରତରେ ବହୁ ରୋହିଙ୍ଗ୍ୟା ରହିଛନ୍ତି। ସମୋନଙ୍କୁ ଭାରତରୁ ତଡ଼ି ସେମାନଙ୍କ ସ୍ଥାନରେ ବାଂଲାଦେଶୀ ହିନ୍ଦୁ ମାନଙ୍କୁ ସ୍ଥାନ ଦିଆଯାଉ। ହିନ୍ଦୁ ଭାଇ ମାନଙ୍କୁ ଭାରତକୁ ନିମନ୍ତ୍ରଣ କରାଯାଉ । ଏହାଠାରୁ ଭଲ ପଦକ୍ଷେପ ଆଉ କିଛି ହୋଇ ନପାରେ ।

# ପିଏନ୍‌ବିରେ ୨୪୩୪ କୋଟି ଠକେଇ

**ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି):** ଭିତ୍ତିଭୂମି ଫାଇନାନ୍ସ ସଂସ୍ଥା ଶ୍ରେଇ ଇନଫ୍ରାଷ୍ଟ୍ରକଚର୍ ଫାଇନାନ୍ସର ପୂର୍ବତନ ପ୍ରତିଷ୍ଠାତା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍ବି)ରେ ୨୪୩୪ କୋଟି ଟଙ୍କାର ଠକେଇ କରିଛନ୍ତି। ଏବିଷୟରେ ବ୍ୟାଙ୍କ ପକ୍ଷରୁ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଅବଗତ କରାଯାଇଛି । ପ୍ରତିଷ୍ଠାତା ଇକ୍ୱିପ୍ମେଣ୍ଟ୍ ଫାଇନାନ୍ସ ଲିମିଟେଡ୍ (ଏସ୍‌ଇଏଫ୍‌ଏଲ୍) ନାଁରେ ୧୨୪୦.୯୪ କୋଟି ଟଙ୍କାର ଋଣ ଠକେଇ କରିଥିଲେ । ସେଥିରୁ ବକେୟା ଥିବା ରାଶି ପାଇଁ ବ୍ୟାଙ୍କ ୧୦୦ ପ୍ରତିଶତ ପ୍ରୋଭିଜନିଂ କରିଛି। ଶ୍ରେଇ ଇନଫ୍ରାଷ୍ଟ୍ରକ୍‌ଚର୍ ଫାଇନାନ୍ସ (ଏସ୍‌ଆଇଏଫ୍‌ଏଲ୍) ନାଁରେ ହୋଇଥିବା ୧୧୯୩.୦୬ କୋଟି ଟଙ୍କାର ଠକେଇ ପାଇଁ କମ୍ପାନୀ ସମ୍ପୂର୍ଣ୍ଣ ପ୍ରୋଭିଜନିଂ କରିଥିବା ନେଇ ଷ୍ଟକ୍ ବଜାରକୁ ସୂଚନା ଦେଇଛି । ୧୯୮୯ରେ ଏକ ନିର୍ମାଣ ଉପକରଣ ଫାଇନାନ୍ସ କମ୍ପାନୀ ଭାବେ ଶ୍ରେଇ ଇନଫ୍ରାଷ୍ଟ୍ରକ୍‌ଚର୍ ଫାଇନାନ୍ସ ଆରମ୍ଭ ହୋଇଥିଲା। ହେମନ୍ତ କାନୋରିଆ ଏହାକୁ ପ୍ରତିଷ୍ଠା କରିଥିଲେ । କିଛି ବର୍ଷ କାର୍ଯ୍ୟ କରିବା ପରେ କମ୍ପାନୀ ବିପୁଳ ପରିମାଣର ଋଣ ନେଇ ତାହା ପରିଶୋଧ କରିନଥିଲା। ପ୍ରାୟ ୨୮ ହଜାର କୋଟି ଟଙ୍କାର ଋଣ ବକେୟା ହେବା ପରେ ୨୦୨୧ ଅକ୍ଟୋବରରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଉଭୟ କମ୍ପାନୀର ବୋର୍ଡକୁ ନିଜ ଅକ୍ତିଆରକୁ ଆଣିଥିଲେ । କମ୍ପାନୀ ବିରୋଧରେ କର୍ପୋରେଟ୍ ପ୍ରଶାସନ ଉଲ୍ଲଂଘନର ମଧ୍ୟ ଅଭିଯୋଗ ଥିଲା। ରିଜର୍ଭ ବ୍ୟାଙ୍କ ହସ୍ତକ୍ଷେପ ପରେ ଦୁଇ କମ୍ପାନୀକୁ ନେଇ ଦେଖାଦେଇଥିବା ସମସ୍ୟାକୁ ନ୍ୟାସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ୍ (ଏନ୍‌ସିଏଲ୍ଟି) ଜରିଆରେ ୨୦୨୩ ଅଗଷ୍ଟରେ ସମାଧାନ କରାଯାଇଥିଲା । ଏହାପରେ କମ୍ପାନୀର ବୋର୍ଡକୁ ପୁନର୍ଗଠନ କରାଯାଇଥିଲା ।

# ପ୍ରଦୂଷଣ ବଢାଉଛି ହୃଦରୋଗ


**ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି):** ଭାରତରେ କୋଭିଡ-୧୯ ପରେ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସଙ୍କଟ ଭାବେ ଉଭା ହୋଇଛି ବାୟୁ ପ୍ରଦୂଷଣ । ବ୍ରିଟେନରେ କାର୍ଯ୍ୟରତ ଭାରତର ଅନେକ ବରିଷ୍ଠ ଡାକ୍ତର ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏଭଳି ଦାବି କରିଛନ୍ତି । ସେମାନେ କହିଛନ୍ତି, ଆଗାମୀ ଦିନରେ ଏହି ପ୍ରଦୂଷଣ ଲୋକଙ୍କ ସ୍ୱାସ୍ଥ୍ୟ ଓ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଦୀର୍ଘକାଳୀନ ପ୍ରଭାବ ପକାଇବ । ଯଦି ତତ୍କାଳ ପଦକ୍ଷେପ ନିଆ ନ ଯିବ ତେବେ ଏହି ସମସ୍ୟା ପ୍ରତିବର୍ଷ ବଢିବ । ଗତ ୧୦ ବର୍ଷ ହେଲା ହୃଦ୍ରୋଗ ସହ ମେଦ ବହୁଳତା ଯୋଡ଼ି ହୋଇଯାଇଛି । ଏଥିରେ ଯାନବାହନ ଓ ବିମାନରୁ ନିର୍ଗତ ବିଷାକ୍ତ ତତ୍ତ୍ୱର ବଡ଼ ଭୂମିକା ରହିଛି। ଇଂଲଣ୍ଡର ଲିଭରପୁରରେ କାର୍ଯ୍ୟରତ ଫୁସ୍ଫୁସ ରୋଗ ବିଶେଷଜ୍ଞ ତଥା ଭାରତ ସରକାରଙ୍କ କୋଭିଡ-୧୯ ଆଡଭାଇଜରି କମିଟିର ପୂର୍ବତନ ସଦସ୍ୟ ମନୀଷ ଗୌତମଙ୍କ କହିବାନୁଯାୟୀ ବାୟୁ ପ୍ରଦୂଷଣ ଉପରେ ଭାରତ ସରକାର ଫୋକସ୍ କରିଛନ୍ତି । କିନ୍ତୁ ଏଥିରେ ବହୁ ବିଳମ୍ବ ହୋଇଯାଇଛି । ଲଣ୍ଡନର ସେଣ୍ଟ ଜର୍ଜ ବିଶ୍ୱବିଦ୍ୟାଳୟର ହୃଦ୍‌ରୋଗ ବିଶେଷଜ୍ଞ ରାଜ ନାରାୟଣଙ୍କ କହିବାନୁଯାୟୀ ଭାରତରେ ବାୟୁ ପ୍ରଦୂଷଣ ଯୋଗୁ ସୃଷ୍ଟି ହେଉଥିବା ହୃତପିଣ୍ଡ, ଶ୍ୱାସ ପ୍ରଶ୍ୱାସ, ସ୍ନାୟୁ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ପର୍ଯ୍ୟାପ୍ତ ବୈଜ୍ଞାନିକ ପ୍ରମାଣ ରହିଛି । ପ୍ରଦୂଷଣକୁ ରୋକିବ ଲାଗି ପଦକ୍ଷେପ ନେବାରେ ବିଳମ୍ବ ଯୋଗୁ ଉଭୟ ସ୍ୱାସ୍ଥ୍ୟ ଓ ଆର୍ଥିକ ବୋଝ ବଢିବ । ମୁଣ୍ଡବିନ୍ଧା, ହାଲିଆ ଲାଗିବା, ହାଲ୍କା କାଶ, ଗଳା ଦରଜ, ପାଚନ ସମସ୍ୟା, ଆଖି ଶୁଷ୍କ ହୋଇଯିବା, ଚର୍ମରେ ଲାଲ ଚିହ୍ନ ଓ କ୍ରମାଗତ ସଂକ୍ରମଣ ଭଳି ସମସ୍ୟାକୁ ଛୋଟମୋଟ କହି ସବୁବେଳେ ଲୋକମାନେ ଅଣଦେଖା କରୁଛନ୍ତି । କିନ୍ତୁ ବାସ୍ତବରେ ଏହା କୌଣସି ଗମ୍ଭୀର ରୋଗର ସଙ୍କେତ ହୋଇଥାଏ । ଡାକ୍ତରଙ୍କ କହିବାନୁଯାୟୀ ଚଳିତ ମାସରେ ଦିଲ୍ଲୀର ବିଭିନ୍ନ ହସ୍ପିଟାଲରେ ଶ୍ୱାସପ୍ରଶ୍ୱାସ ଜନିତ ସମସ୍ୟା ସହ ଜଡ଼ିତ ରୋଗୀଙ୍କ ସଂଖ୍ୟା ୨୦-୩୦ ପ୍ରତିଶତ ବଢିଥିବା ଦେଖିବାକୁ ମିଳିଛି । ସେମାନଙ୍କ ମଧ୍ୟରେ ଅନେକ ଯୁବକ ଏବଂ ପୂର୍ବରୁ ଚିକିତ୍ସିତ ହୋଇଥିବା ରୋଗୀ ଅଛନ୍ତି । ଏବେ ବି ଆହୁରି ଅନେକ ଲୋକ ଶ୍ୱାସପ୍ରଶ୍ୱାସ ଜନିତ ରୋଗରେ ପୀଡ଼ିତ । କିନ୍ତୁ ସେମାନେ ଏହାକୁ ଅଣଦେଖା କରି ହସ୍ପିଟାଲକୁ ଆସୁନାହାନ୍ତି କିମ୍ବା ଚିକିତ୍ସିତ ହେବାକୁ ଚାହୁଁନାହାନ୍ତି । ଯାହାକି ଆଗାମୀ ଦିନରେ ଗମ୍ଭୀର ପରିଣାମ ସୃଷ୍ଟି କରିପାରେ । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀଶ ଗଡକରୀ ଗତ ମଙ୍ଗଳବାର ସ୍ୱୀକାର କରିଥିଲେ ଯେ ଦିଲ୍ଲୀରେ ଯେତିକି ବାୟୁ ପ୍ରଦୂଷଣ ହେଉଛି ସେଥିରୁ ୪୦ ପ୍ରତିଶତ କେବଳ ପରିବହନ କ୍ଷେତ୍ରରୁ ହିଁ ଆସୁଛି । ଯାହା ଜୀବାଶ୍ମ ଇନ୍ଧନ ଉପରେ ନିର୍ଭର କରିବାର ଫଳ ବୋଲି ସେ କହିଥିଲେ ।

## ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ଜାଳିଦେଲା ସ୍ୱାମୀ

**ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି):** ସନ୍ଦେହ ଉଜାଡ଼ି ଦେଲା ସଂସାର। ପରକୀୟା ପ୍ରୀତି ସନ୍ଦେହରେ ଅପରାଧ ଘଟାଇଛି ସ୍ୱାମୀ । ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ଜୀବନରୁ ମାରିଦେଲା ସ୍ୱାମୀ । ତୁମ ମାଆ ଆଜି ମରିଯିବ କହି ପିଲାଙ୍କ ଆଗରେ ପତ୍ନୀକୁ ଜାଳିଦେଲା ସ୍ୱାମୀ । ତେଲେଙ୍ଗାନା ରାଜଧାନୀ ହାଇଦ୍ରାବାଦର ତିଲକ ନଗରରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି ପୁଲିସ୍ । ତିଲକ ନଗରରେ ଏହି ହତ୍ୟାକାଣ୍ଡକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି । ଜଣେ ୨୬ ବର୍ଷୀୟା ଯୁବତୀଙ୍କୁ ତାଙ୍କ ସ୍ୱାମୀ ତାଙ୍କ ଭଡ଼ା ଘରେ ଜୀବନ୍ତ ଜାଳି ଦେଇଛନ୍ତି । ଜଣେ ହୋଟେଲ କର୍ମଚାରୀ ଭାବେ କାମ କରୁଥିବା ଚିତ୍ୟାଲା ତ୍ରିବେଣୀ ଗାନ୍ଧୀ ହସ୍ପିଟାଲରେ ଆଖି ବୁଜିଛନ୍ତି । ତାଙ୍କ ସ୍ୱାମୀ ୩୨ ବର୍ଷୀୟ ଭେଙ୍କଟେଶଙ୍କୁ ପୁଲିସ୍ ଗିରଫ କରିଛି । ଭେଙ୍କଟେଶ ଦିନ ମଜୁରିଆ ଭାବେ କାମ କରନ୍ତି । ତ୍ରିବେଣୀଙ୍କ ପିତାଙ୍କ ଅଭିଯୋଗ ଅନୁସାରେ, ଏହି ଦମ୍ପତି ୫ ବର୍ଷ ପୂର୍ବେ ବିବାହ କରିଥିଲେ । ଜନ୍ମସ୍ଥାନ ହୁଜୁର ନଗରରୁ ହାଇଦ୍ରାବାଦକୁ ଚାଲି ଆସିଥିଲେ । ସେମାନେ ବର୍ଷେ ତଳେ ତିଲକ ନଗରରେ ଦୁଇ ସନ୍ତାନଙ୍କ ସହ ରହୁଥିଲେ । ଭେଙ୍କଟେଶ ତାଙ୍କ ପତ୍ନୀଙ୍କୁ ଅନେକ ବର୍ଷ ଧରି ପରକୀୟା ସମ୍ପର୍କ ଥିବା ଅଭିଯୋଗ କରି ହଇରାଣ କରୁଥିଲେ । ସନ୍ଦେହ ଏତେ ବଢିଯାଇଥିଲା ଯେ ଜଘନ୍ୟ କାଣ୍ଡ ଘଟାଇଛନ୍ତି । ଜଣେ ପଡ଼ୋଶୀ କାମରୁ ଫେରୁଥିବା ବେଳେ ଭେଙ୍କଟେଶଙ୍କ ଘରୁ ନିଆ ବାହାରୁଥିବା ଦେଖିଥିଲେ । ଏନ୍ୟ ପଡ଼ୋଶୀମାନେ ଏକାଠି ହୋଇଥିଲେ । କବାଟ ଖୋଲା ଥିବା ଦେଖିଥିଲେ ପଡୋଶୀ । ତ୍ରିବେଣୀ ନିଆଁରେ ପୋଡ଼ିଯାଇଥିବା ଦେଖି ପଡୋଶୀମାନେ ତାଙ୍କୁ ଗାନ୍ଧୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ପ୍ରାଥମିକ ତଦନ୍ତରେ ଦମ୍ପତିଙ୍କ ପୁଅ କହିଛନ୍ତି, କି ତାଙ୍କ ବାପା ତାଙ୍କୁ ଉଠାଇ ବାହାରକୁ ନେଇଯାଇ କହିଥିଲେ ତୁମ ମାଆ ଆଜି ମରିଯିବ । ଏହାପରେ ଭେଙ୍କଟେଶ ତ୍ରିବେଣୀଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ତ୍ରିବେଣୀଙ୍କ ପିତାଙ୍କ ଅଭିଯୋଗ ଆଧାରରେ ନଲ୍ଲକୁଣ୍ଟା ପୁଲିସ୍ ଭେଙ୍କଟେଶଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି । ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି ।

# ଇଣ୍ଡିଗୋ ଉପରେ ହେବ କଠୋର କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି):** ଇଣ୍ଡିଗୋ ଏୟାରଲାଇନ୍ସ ବିରୋଧରେ ସରକାର ନେଇପାରନ୍ତି କଡ଼ା କାର୍ଯ୍ୟାନୁଷ୍ଠାନ । ଇଣ୍ଡିଗୋ ବିମାନର କିଛି ଅଧିକାରୀଙ୍କ ବିରୋଧରେ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ । ଇଣ୍ଡିଗୋ ବିମାନ ସେବା ବିଭ୍ରାଟର ତଦନ୍ତ ରିପୋର୍ଟ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପାଖରେ ଦାଖଲ କରିଛି ଡିଜିସିଏ । ଇଣ୍ଡିଗୋ ବିମାନ ସେବାରେ ବିଭ୍ରାଟ ଯୋଗୁଁ ପାଖାପାଖି ୫୦୦ରୁ ଅଧିକ ବିମାନର ଉଡାଣ ବାତିଲ ହୋଇଥିଲା । ଏହାଦ୍ୱାରା ଲକ୍ଷ ଲକ୍ଷ ଯାତ୍ରୀ ହଇରାଣ ହୋଇଥିଲେ । ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଏସଂପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି ଇଣ୍ଡିଗୋ ବିରୋଧରେ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଇଣ୍ଡିଗୋ







ବିଭ୍ରାଟ ଯୋଗୁଁ ଦେଶରେ ବିମାନ ସେବା ଓ ଅନ୍ତର୍ଜାତୀୟ ବିମାନ ସେବା ଗମ୍ଭୀର ଭାବେ ପ୍ରଭାବିତ ହୋଇଛି । ଡିସେମ୍ବର ୧ରୁ ୯ ତାରିଖ ଭିତରେ ୨୭୦୨ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ବାତିଲ ହୋଇଛି । କେଉଁଥିପାଇଁ ବିମାନ ସେବାରେ ବିଭ୍ରାଟ ହେଲା, ଇଣ୍ଡିଗୋ ବିମାନ ସେବା ଭୁଶୁଡ଼ିପଡ଼ିବା ପଛର କାରଣ, ଏଥିପାଇଁ କେଉଁମାନେ ଦାୟୀ, ବିଭ୍ରାଟ ପଛର ମୂଳ କାରଣ କଣ ସେ ସଂର୍କରେ ଡିଜିସିଏ ତଦନ୍ତ କରିଛି । ଏନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟକୁ ରିପୋର୍ଟ ଦେବା ପରେ ଏବେ ମନ୍ତ୍ରୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ସଙ୍କେତ ଦେଇଛନ୍ତି ।

## ଚେନାବରେ ଜଳବିଦ୍ୟୁତ୍ ପ୍ରକଳ୍ପକୁ ମଂଜୁରୀ ଦେଲା ଭାରତ

**ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି):** ଏପ୍ରିଲ୍ ୨୦୨୫ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ପାକିସ୍ତାନକୁ ଦୋହରା ଆଘାତ ଦେଇଥିଲା । ଭାରତୀୟ ସେନା ପିଓକେ ଏବଂ ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ନଷ୍ଟ କରି ସିନ୍ଦୁର ଅପରେସନ୍ ଆରମ୍ଭ କରିଥିଲା। ଏହା ସହିତ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଥିଲା । ଏହା ପରେ, ପାକିସ୍ତାନ ଅନ୍ତର୍ଜାତୀୟ ମଞ୍ଚରେ ଭାରତକୁ ବାରମ୍ବାର ପାଣି ପାଇଁ ନିବେଦନ କରିଥିଲା । ଏପରିକି ବିଲାୱଲ ଭୁଟ୍ଟୋଙ୍କ ସମେତ ଅନେକ ପାକିସ୍ତାନୀ ନେତା ଭାରତକୁ ପରମାଣୁ ଆକ୍ରମଣର ଧମକ ଦେଇ ଚାଲିଥିଲେ । କିନ୍ତୁ ଭାରତ ଶୁଣିନଥିଲା । ଏବେ, ଭାରତ ଆଉ ଏକ ବଡ଼ ପ୍ରକଳ୍ପକୁ ମଞ୍ଜୁର କରିଛି, ଯାହା ପାକିସ୍ତାନକୁ ଶିକ୍ଷା ଦେଇଛି । ଭାରତର ପରିବେଶ ମନ୍ତ୍ରଣାଳୟର ଏକ କମିଟି ଜମ୍ମୁ ଏବଂ କାଶ୍ମୀରର କିସ୍ତୱାର ଜିଲ୍ଲାରେ ଚେନାବ ନଦୀ ଉପରେ ୨୬୦ ମେଗାୱାଟ ଦୁଲହସ୍ତି ଜଳବିଦ୍ୟୁତ୍ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟକୁ ଅନୁମୋଦନ କରିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାର ପୃଷ୍ଠଭୂମିରେ ଏହି ଅନୁମୋଦନ ଆସିଛି । ଜଳବିଦ୍ୟୁତ ପ୍ରକଳ୍ପ ପାଇଁ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି ଏହି ମାସର ପ୍ରାରମ୍ଭରେ ଏହାର ୪୫ତମ ବୈଠକରେ ପ୍ରକଳ୍ପକୁ ଅନୁମୋଦନ କରିଛି । ଏଥିରେ ପ୍ରାୟ ୩୨୦୦ କୋଟି ଟଙ୍କା ବ୍ୟୟ ହେବ । 'ନଦୀ ପ୍ରବାହ' ଜଳବିଦ୍ୟୁତ ପ୍ରକଳ୍ପ ଏପରି ଏକ ପ୍ରକଳ୍ପକୁ ବୁଝାଏ ଯାହା ନଦୀରେ ଜଳ ପ୍ରବାହକୁ ବାଧା ନ ଦେଇ ଜଳବିଦ୍ୟୁତ ଶକ୍ତି ଉତ୍ପାଦନ କରେ । ଏଥିରେ ନଦୀର ଗତିପଥରେ ବଡ଼ବନ୍ଧ ନିର୍ମାଣ ନକରି ପ୍ରବାହିତ ଜଳକୁ ବ୍ୟବହାର କରାଯାଏ ।

# ଦିନକ ଭିତରେ ୧୭ ହଜାର ଟଙ୍କା ବୃଦ୍ଧି ପାଇଲା ରୂପା

**ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି):** ପ୍ରତିଦିନ ବଢୁଛି ସୁନା ଓ ରୂପାର ଦାମ୍ୟ ସୁନା ଭଳି ମଧ୍ୟ ରୁପାର ଚମକ ଦିନକୁ ଦିନ ବଢିବାରେ ଲାଗିଛି । ରିଟେଲରୁ ନେଇ ବଡ଼ ନିବେଶ ମଧ୍ୟ ଏବେ ଖୋଲାଖୋଲି ଏହା ଉପରେ ଭରସା ରଖିଛନ୍ତି। ଏହା ସହ ବଡ଼ ବଡ଼ ଏକ୍ସପର୍ଟ ମଧ୍ୟ ମାନୁଛନ୍ତି ଯେ,ସୁନା-ରୁପା ଦାମ୍ ଲଙ୍ଗ ଟର୍ମରୁ ଉପର ଆଡକୁ ଯିବ। ମୂଲ୍ୟବାନ ଧାତୁର ଦାମ୍ ଅଟକିବ ନାହିଁ। ପ୍ରତିଦିନ ଏହି ଧାତୁ ନିଜର ରେକର୍ଡ ଲେବଲରେ ପହଁଞ୍ଚୁଛି । ଗତକାଲି ଅର୍ଥାତ ଶୁକ୍ରବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏମସିଏକ୍ସ)ରେ ରୂପା ଦାମରେ ବୃଦ୍ଧି ଦେଖିବାକୁ ମିଳିଛି। କମୋଡିଟି ବଜାରରେ କାରବାର ବନ୍ଦ ହେବା ସୁଦ୍ଧା, ମାର୍ଚ୍ଚ ୫ ତାରିଖର ଫ୍ୟୁଚର୍ସ ପାଇଁ ୧ କିଲୋଗ୍ରାମ ରୂପାର ମୂଲ୍ୟ ୧୭,୧୪୫ ଟଙ୍କାରୁ ବୃଦ୍ଧି ପାଇ ୨,୪୦,୯୩୫ ରେ ଟଙ୍କାରେ ପହଞ୍ଚିଛି । କିନ୍ତୁ, ଦିନର ବ୍ୟବସାୟ ସମୟରେ, ରୂପା ୧୯୦୦୦ ବୃଦ୍ଧି ପାଇ ୨,୪୨,୦୦୦ ରେ ପହଞ୍ଚିଛି, ଯାହାକି ଏହାର ଅଲ୍ ଟାଇମ୍ ହାଇଲେବଲ । ସେଭଳି ଏମସିଏକ୍ସରେ ଗତକାଲି ୫ ଫେବୃଆରୀର ଫ୍ୟୁଚର୍ସ ପାଇଁ ୧୦ ଗ୍ରାମ ସୁନାର ଦାମ୍ ୭୦ ଟଙ୍କା ବଢି ୧୩୯୯୪୦ ଟଙ୍କାରେ ପହଁଞ୍ଚି ଯାଇଛି । ସେଭଳି ଦିନର କାରବାର ବେଳେ ସୁନାର ମୂଲ୍ୟରେ ୧୨୦୦ ଟଙ୍କା ବୃଦ୍ଧି ଦେଖିବାକୁ ମିଳିଛି । ସୁନା ମଧ୍ୟ କାଲି ନିଜର ଅଲ୍ ଟାଇମ୍ ହାଇ ଲେବଲ ଟଚ୍ କରିଛି । ଗତ ସପ୍ତାହରେ ସାଧାରଣ ଲୋକଙ୍କ ପହଁଞ୍ଚଠାରୁ ବହୁ ଦୂରରେ ରହିଛି ସୁନା ଏବଂ ରୂପା । ଡିସେମ୍ବର ୧୯ ତାରିଖରେ ୧୦ ଗ୍ରାମ ସୁନାର ମୂଲ୍ୟ ୧,୩୪,୧୯୬ ଟଙ୍କା ଥିଲା । ଆଜି ଏହାର ମୂଲ୍ୟ ପ୍ରାୟ ୧.୪୦ ଲକ୍ଷ । ଏହାର ଅର୍ଥ ହେଉଛି ମାତ୍ର ଗୋଟିଏ ସପ୍ତାହରେ ଏହାର ମୂଲ୍ୟ ୬୦୦୦କୁ ବୃଦ୍ଧି ପାଇଛି। ରୂପାର ମୂଲ୍ୟ ଆହୁରି ବୃଦ୍ଧି ପାଇଛି। ଡିସେମ୍ବର ୧୯ ତାରିଖରେ ରୂପାର ମୂଲ୍ୟ ୨,୦୮,୦୦୦ ପ୍ରତି କିଲୋଗ୍ରାମ ଥିଲା, କିନ୍ତୁ ଏବେ ଏହାର ମୂଲ୍ୟ ୨,୪୦,୦୦୦ ହୋଇଛି । ମାତ୍ର ଗୋଟିଏ ସପ୍ତାହରେ ଏହାର ମୂଲ୍ୟ ୩୨ ହଜାର ବୃଦ୍ଧି ପାଇଛି।

# ସ୍ଥିତି ବେହାଲ, ୧୧୦୦ ଉଡାଣ ବାତିଲ

**ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି):** ଏବେ ଶୀତର ଲହରୀ ଚାଲିଥିବାରୁ ପ୍ରାୟ ସ୍ଥାନରେ ହାଡ଼ ଭଙ୍ଗା ଶୀତ ଅନୁଭୂତ ହେଉଛି । ଏଥିପାଇଁ ତୁଷାରପାତ ମଧ୍ୟ ବିଭିନ୍ନ ଜାଗାରେ ଦେଖିବାକୁ ମିଳୁଛି । ଏପରିକି କୁହୁଡ଼ିରେ ରାସ୍ତା ଘାଟ ମଧ୍ୟ ଦେଖାଯାଉନାହିଁ । ଅନେକ ସମୟରେ କୁହୁଡି ଯୋଗୁଁ ରାସ୍ତା ଦୃଶ୍ୟମାନ ନହେବା କାରଣରୁ ମଧ୍ୟ ପ୍ରତ୍ୟେକ ଦିନ ଅନେକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି। ଆଉ ସେହିପରି ଆମେ ଯଦି ଆମେରିକା କଥା ବିଚାର କରିବା ସେଠାରେ ଏମିତିରେ ବି ଅନେକ ଥଣ୍ଡା ଅନୁଭୂତ ହୁଏ ଏବଂ ତୁଷାରପାତ ମଧ୍ୟ ହୁଏ । ତେଣୁ ଶୁକ୍ରବାର ଅର୍ଥାତ ଡିସେମ୍ବର ୨୬ ତାରିଖ ଦିନ ବଡ଼ ଖ୍ରୀଷ୍ଟମାସର ଛୁଟି ସତ୍ତ୍ୱେ, ଆମେରିକାର ବିମାନ କମ୍ପାନୀଗୁଡ଼ିକ ୧୦୦୦ ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଛନ୍ତି। ଏତେ ସଂଖ୍ୟକ ବିମାନ ଉଡ଼ାଣ ବାତିଲ କରିବାର ମୁଖ୍ୟ କାରଣ ହେଉଛି ଦେଶର ଅନେକ ସ୍ଥାନରେ ପ୍ରବଳ ଝଡ଼ ଏବଂ ପ୍ରବଳ ତୁଷାରପାତର ପୂର୍ବାନୁମାନ। ଦେଶର ସବୁଠାରୁ ବଡ଼ ସହର ନ୍ୟୁୟର୍କରେ ରାତିସାରା ୧୦ ଇଞ୍ଚ ପର୍ଯ୍ୟନ୍ତ ତୁଷାରପାତ ହେବାର ସମ୍ଭାବନା ରହିଛି ଏବଂ ତାପମାତ୍ରା ଜିରୋସ୍ତର ତଳକୁ ଖସିଯିବାର ସମ୍ଭାବନା ମଧ୍ୟ ରହିଛ । ଫ୍ଲାଇଟ୍‌ଆୱେୟାର ୱେବସାଇଟ୍ ଅନୁଯାୟୀ, ଶୁକ୍ରବାର ଦିନ ଅପରାହ୍ଣ ୧:୦୦ ଟା ସୁଦ୍ଧା ଅତି କମରେ ୧୧୯୧ ଟି ବିମାନ ବାତିଲ୍ ହୋଇଛି ଏବଂ ୩,୯୭୪ ଟି ବିଳମ୍ବିତ ହୋଇଛି । ସବୁଠାରୁ ଖରାପ ପ୍ରଭାବ ନ୍ୟୁୟର୍କର ତିନୋଟି ପ୍ରମୁଖ ବିମାନବନ୍ଦର, ଲାଗାର୍ଡିଆ, ଜେଏଫକେ ଏବଂ ନ୍ୟୁଆର୍କରେ ଦେଖିବାକୁ ମିଳିଥିଲା, ଯେଉଁଠାରେ ସର୍ବାଧିକ ବିମାନ ବାତିଲ୍ କରାଯାଇଥିଲା। ଏହା ବ୍ୟତୀତ, ବୋଷ୍ଟନ୍ ଏବଂ ଡେଟ୍ରଏଟ୍ ବିମାନବନ୍ଦରରେ ମଧ୍ୟ ଯାତ୍ରୀମାନେ ବଡ଼ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜାତୀୟ ପାଣିପାଗ ସେବା ଉପର ଗ୍ରେଟ୍ ଲେକ୍ସ ଅଞ୍ଚଳରେ ତୁଷାରପାତ ହେବ ବୋଲି ପୂର୍ବାନୁମାନ କରିଛି ଏବଂ ଝଡ଼ର କେନ୍ଦ୍ର ଉତ୍ତର-ପୂର୍ବ ଆଡକୁ ଗତି କରୁଛି ।

# ୟୁନୁସଙ୍କୁ ଉସ୍ମାନ ହାଦିଙ୍କ ଭାଇ ଦେଲେ ଖୋଲା ଚେତାବନୀ

**ଢାକା, ୨୮।୧୨ (ଏଜେନ୍ସି):** ବାଂଲଦେଶର ସ୍ଥିତି ଲଗାତାର ଖରାପ ହେବାରେ ଲାଗିଛି। ଛାତ୍ର ନେତା ଉସ୍ମାନ ହାଦିଙ୍କ ହତ୍ୟା ପରେ ତାଙ୍କ ଭାଇ ଶରିଫ୍ ଓମାର ବିନ୍ ହାଦି ମଇଦାନକୁ ଓହ୍ଲାଇଛନ୍ତି । ଓମାର କହିଛନ୍ତି, ସରକାର ଯେଉଁ ଭାବରେ ଯାଞ୍ଚ ଓ କାମ କରୁଛନ୍ତି, ଏହାଦ୍ୱାର ସ୍ପଷ୍ଟ ଯେ ତାଙ୍କୁ ନ୍ୟାୟ ମିଳିବାରେ କେଣସି ଇଛା ନାହିଁ । ସିଧା ୟୁନୁସଙ୍କୁ ଟାର୍ଗେଟ କରି ଓମାର କହିଛନ୍ତି, ଯଦି ସରକାର ନମାନ୍ତି ଓ ଦରକାର ନପଡେ ତେବେ ସେ କ୍ୟାଣ୍ଟନମେଣ୍ଟ ଓ ଜମୁନା (ୟୁନୁସଙ୍କ ବାସଭବନ)ଙ୍କୁ ଘେରାଉ କରିବେ । ଉସ୍ମାନ ହାଦିଙ୍କ ହତ୍ୟା ବିରୋଧରେ ଜାରି ପ୍ରଦର୍ଶନକୁ ସମ୍ବୋଧିତ କରି ଓମାର କହିଛନ୍ତି, ଉସ୍ମାନ ହାଦିଙ୍କ ନ୍ୟାୟର ଦାବି ଏବେ ବାଂଲାଦେଶର ୧୮ କୋଟି ଲୋକଙ୍କ ଦାବି ପାଲଟି ଯାଇଛି। ସରକାରଙ୍କ ସ୍ଥିତି ଦେଖି ସ୍ପଷ୍ଟ ହୋଇଛି ଯେ,ସେ ନ୍ୟାୟ ଦେବାକୁ ଚାହାଁନ୍ତି ନାହିଁ। ଆମେ ସଡକକୁ ଓହ୍ଲାଇ ସାରିଛୁ ଓ ଯେଉଁ ପର୍ଯ୍ୟନ୍ତ ନ୍ୟାୟ ନମିଳିଛି, ଘରକୁ ଫେରିବୁନି। ଆହୁରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ। ଦେଶର ସ୍ଥିତି ଆହୁରି ଅଧିକ ବିଗିଡିପାରେ । ଜମୁନାକୁ ଘେରାଉ କରିବାକୁ ଆମକୁ ବାଧ୍ୟ କରାନଯାଉ।'ଏହା ପୂର୍ବରୁ ମଧ୍ୟ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କ ଉପରେ ଓମାର ଗମ୍ଭୀର ଅଭିଯୋଗ କରିଥିଲେ । ସେ କହିଥିଲେ, ଆଗାମୀ ବାଂଲାଦେଶ ନିର୍ବାଚନକୁ ରଦ୍ଦ କରିବା ପାଇଁ ହାଦିଙ୍କୁ ହତ୍ୟା କରାଯାଇଛି। ଓମାର ରାଜନୈତିକ ନେତା ଓ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କୁ ସିଧା ଚ୍ୟାଲେଞ୍ଜ ଦେଇ କହିଛନ୍ତି ପରିବାରକୁ ନ୍ୟାୟ ନମିଳିବା ସବୁଠାରୁ ବଡ଼ ବିଫଳତା । ସେ ଚେତାବନୀ ଦେଇଛନ୍ତି, ଯଦି କ୍ଷମତାରେ ଥିବା ଲୋକ ନ୍ୟାୟ ନଦିଅନ୍ତି ତେବେ ତାଙ୍କୁ କ୍ଷମତାକୁ ଛାଡିଦେବା ଦରକାର । ଓମାର ନିଜ ଭାଇର ହତ୍ୟା ପାଇଁ କ୍ଷମତାରେ ଥିବା ଲୋକଙ୍କୁ ଦାୟୀ କରିଛନ୍ତି । ସେ କହିଛନ୍ତି, ଆପଣ ଉସ୍ମାନ ହାଦିଙ୍କୁ ମାରିଛନ୍ତି ଓ ଏବେ ତାକୁ ଦେଖି ନିର୍ବାଚନ ରଦ୍ଦ କରିବାକୁ ଚାହାନ୍ତି। ଯଦି ହାଦିକୁ ନ୍ୟାୟ ନମିଳେ, ତେବେ ଆପଣଙ୍କୁ ଏହି ଦେଶ ଛାଡିବାକୁ ହେବ । ଉଲ୍ଲେଖନୀୟ ଯେ, ୩୨ ବର୍ଷୀୟ ଛାତ୍ର ନେତା ଶରିଫ୍ ଉସ୍ମାନ ହାଦି ଶେଖ୍ ହାସିନାଙ୍କୁ କ୍ଷମତା ଛାଡିବାକୁ ବାଧ୍ୟ କରିବାକୁ ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଉସ୍ମାନ୍ ନିଜର ଭାରତ ବିରୋଧି ଆଭିମୁଖ୍ୟ ପାଇଁ ପରିଚିତ । ଆଗାମୀ ନିର୍ବାଚନରେ ସେ ମେଦାନରେ ଥିଲେୟ ପ୍ରଚାର ଅଭିଯାନ ବେଳେ ତାଙ୍କୁ ୧୨ ଡିସେମ୍ବରରେ ଗୁଳି ମାଡ଼ କରାଯାଇଥିଲା । ଚିକିତ୍ସା ବେଳେ ୧୮ ଡିସେମ୍ବରରେ ସିଙ୍ଗାପୁରରେ ମୃତ୍ୟୁ ହୋଇଥିଲା । ଏହାପରେ ବାଂଲାଦେଶରେ ପୁଣିଥରେ ହିଂସା ଆରମ୍ଭ ହୋଇଛି ।

## ମୋଦୀ ଏବଂ ଆରଏସଏସକୁ ପ୍ରଶଂସା କଲେ ଦିଗବିଜୟ ସିଂ

**ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି):** :ବରିଷ୍ଠ କଂଗ୍ରେସ ନେତା ଏବଂ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଫଟୋ ସେୟାର କରିଛନ୍ତି ଯାହା ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି । ପ୍ରାୟତଃ ନିଜର ସ୍ପଷ୍ଟ ମନ୍ତବ୍ୟ ପାଇଁ ଶିରୋନାମା ପାଲଟିଥିବା ଦିଗବିଜୟ ସିଂହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏକ ପୁରୁଣା ଫଟୋ ସେୟାର କରିଛନ୍ତି । ଫଟୋରେ ପ୍ରଧାନମନ୍ତ୍ରୀ ମୋଦୀ ଲାଲକୃଷ୍ଣ ଆଡୱାଣୀଙ୍କ ପାଦ ପାଖରେ ଭୂମିରେ ବସିଥିବାର ଦେଖାଯାଉଛି । ଦିଗବିଜୟ ସିଂହ ଫଟୋର କ୍ୟାପସନରେ ଲେଖିଛନ୍ତି, ଜଣେ ଆରଏସଏସ ତୃଣମୂଳ ସ୍ୱେଚ୍ଛାସେବକ ଏବଂ ଜଣେ ବିଜେପି ତୃଣମୂଳ କର୍ମୀ ଭୂମିରେ ବସି ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ହୋଇଥିଲେ । ଏହା ସଂଗଠନର ଶକ୍ତି। ବରିଷ୍ଠ କଂଗ୍ରେସ ନେତା ଦିଗବିଜୟ ସିଂହ ୧୯୯୦ ଦଶକର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ କଳା ଧଳା ଫଟୋ ସେୟାର କରି ବିଜେପି ଏବଂ ଏହାର ଆଦର୍ଶଗତ ପିତା ଆରଏସଏସ (ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ)ର ପ୍ରଶଂସା କରିଛନ୍ତି। ଏହା ଉଲ୍ଲେଖନୀୟ ଯେ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂହ Quoraରେ ଏକ ସ୍କ୍ରିନସଟ୍ ପୋଷ୍ଟ କରିଛନ୍ତି ଯେଉଁଥିରେ ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡଭାନୀ ଗୁଜୁରାଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାର ଦେଖାଯାଇଛି। ସ୍କ୍ରିନସଟ୍ ରେ ଜଣେ ଯୁବ ପ୍ରଧାନମନ୍ତ୍ରୀ ମୋଦି ଆଡଭାନୀଙ୍କ ପାଖରେ ଭୂମିରେ ବସିଥିବାର ଦେଖାଯାଇଛି। ଫଟୋଗ୍ରାଫଗୁଡ଼ିକ ବିଷୟରେ ଦିଗବିଜୟ ସିଂହ କହିଛନ୍ତି ଯେ, ସେ ନେତାଙ୍କ ପାଦତଳେ ବସି ଜଣେ ସରଳ ସ୍ୱେଚ୍ଛାସେବକ କିପରି ମୁଖ୍ୟମନ୍ତ୍ରୀ ଏବଂ ପରେ ପ୍ରଧାନମନ୍ତ୍ରୀ ହୋଇପାରନ୍ତି ସେ ବିଷୟରେ କହିଥିଲେ ।



## ଜାତୀୟ ଗୁଣବତ୍ତା ମଣ୍ଡଳୀ ସମ୍ମିଳନୀରେ ରାଉରକେଲା ଇସ୍ପାତ କାରଖାନାର ଗୁଣବତ୍ତା ମଣ୍ଡଳୀ ଦଳଙ୍କ ଉଜ୍ଜ୍ୱଳ ପ୍ରଦର୍ଶନ

**ରାଉରକେଲା, ୨୮।୧୨ (ନି.ପ୍ର):** ଡିସେମ୍ବର ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଗ୍ରେଟର ନୋଏଡାର ଜି.ଏଲ.ବାଜାଜ ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା ପ୍ରତିଷ୍ଠାନରେ କ୍ୟୁସିଏଫଆଇ ଦ୍ୱାରା ଗୁଣବତ୍ତା ଧାରଣା ଉପରେ ଅନୁଷ୍ଠିତ ୩୯ତମ ଜାତୀୟ ସମ୍ମିଳନୀ (ଏନସିକ୍ୟୁସି) ରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ସମସ୍ତ ୩୪ ଗୁଣବତ୍ତା ସର୍କଲ୍ ଦଳଗୁଡ଼ିକୁ ବିଭିନ୍ନ ବର୍ଗରେ ପୁରସ୍କୃତ କରାଯାଇଥିଲା। ଏଥିରେ ୩୪ଟି କ୍ୟୁସି ଦଳ ମଧ୍ୟରୁ ୨୫ଟି ପାର୍-ଏକ୍ସେଲେନ୍ସ ପୁରସ୍କାର ପାଇଛନ୍ତି। ଯାହା ପ୍ରତିଯୋଗିତାର ସର୍ବୋଚ୍ଚ ପୁରସ୍କାର ଅଟେ। ଏହି ଦଳଗୁଡ଼ିକ ହେଉଛନ୍ତି, ଆର ଆଣ୍ଡ ସି ଲାବୋରେଟୋରୀ ବିଭାଗର ଆରମ୍ଭ ଓ ଲକ୍ଷ୍ୟମ୍; ଏଚଏସଏମ-୨ ବିଭାଗର ସମୃଦ୍ଧି, ଆରୋହଣ ଏବଂ ସ୍ପନ୍ଦନ; ପାଇପ୍ ପ୍ଲାଣ୍ଟ-ଇଆରଡବ୍ଲୁ ବିଭାଗର ଆବିଷ୍କାର, ପ୍ଲେଟ୍ ମିଲ୍ ବିଭାଗର ଧାରା, ସି ଆଣ୍ଡ ଆଇଟି ବିଭାଗର ଏକମ୍, ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଇଗ୍ନାଇଟ୍ ଏବଂ ପ୍ରୟାସ୍ , ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ପରିବର୍ତ୍ତନ, ରୋଲ୍ ସପ ବିଭାଗର ଭିଜନ ଏବଂ ପାଥ୍‌ଫାଇଣ୍ଡର୍, ଆଇଆଣ୍ଡ ଏ ବିଭାଗର ପ୍ରଗତି ଏବଂ ପିଓନିଅର୍, ସିଇଏମ-ଏସି ବିଭାଗର ପ୍ରେରଣା, ଏସଏମଏସ-୧ ବିଭାଗର ସମର୍ପଣ, ଆରଏମଏଚପି ବିଭାଗର ସଞ୍ଜୀବନୀ, ଯୋଗାଯୋଗ ଇଞ୍ଜିନିୟରିଂ ବିଭାଗର ଶବ୍ଦମ୍ , ଶକ୍ତି ବଣ୍ଟନ ବିଭାଗର ଶକ୍ତି, ସିଇଏମ ଆର.ଏସ.ଇ ବିଭାଗର ସୁଧାର, ନୂତନ ପ୍ଲେଟ୍ ମିଲ୍ ବିଭାଗର ତେଜସ୍ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ଉଡାନ, ପ୍ଲେଟ ମିଲ ବିଭାଗର ଡାଇନାମିକ ଏବଂ ସିଣ୍ଟରିଂ ପ୍ଲାଣ୍ଟ –୧ ବିଭାଗର ବିଜେତା ।

# ସାର୍ ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେସନ୍ ହସ୍ପିଟାଲରେ ଭାରତର ପ୍ରଥମ ଟେଲି-ରୋବୋଟିକ୍ ସର୍ଜରୀ କାର୍ଯ୍ୟକ୍ରମ

**ମୁମ୍ବାଇ, ୨୮।୧୨ (ନି.ପ୍ର) :** ମୁମ୍ବାଇ ସ୍ଥିତ ସାର୍ ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେସନ୍ ହସ୍ପିଟାଲ୍ ପକ୍ଷରୁ ଧୀରୁଭାଇ ଅମ୍ବାନୀ ଅକୁପେସନାଲ୍ ହେଲଥ ଏବଂ କମ୍ୟୁନିଟି ମେଡିକାଲ୍ ସେଣ୍ଟର, ଜାମନଗର ସହିତ ମିଳିତ ଭାବରେ ଭାରତର ପ୍ରଥମ ଟେଲି-ରୋବୋଟିକ୍ ସର୍ଜରୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ରିଲାଏନ୍ସ ଜିଓର ଦ୍ରୁତ ଏବଂ ସୁରକ୍ଷିତ ଡିଜିଟାଲ୍ ସଂଯୋଗ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମ ଦେଶର ଦୂରଦୂରାନ୍ତ ସର୍ଜରୀ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଏହି କାର୍ଯ୍ୟକ୍ରମ ଅଧୀନରେ, ମୁମ୍ବାଇର ସାର୍ ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେସନ୍ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରମାନେ ଏବେ ଦୂରସ୍ଥାନରେ ଥିବା ହସ୍ପିଟାଲରେ ରୋବୋଟିକ୍ ସର୍ଜରୀ କରିପାରିବେ କିମ୍ବା ଦେଶର ଅନ୍ୟ ସହର ଏବଂ ଦୂରଦୂରାନ୍ତ ଅଞ୍ଚଳରେ ଅବସ୍ଥିତ ହସ୍ପିଟାଲ ଗୁଡ଼ିକରେ ଡାକ୍ତର ମାନଙ୍କ ମାର୍ଗଦର୍ଶନ କରିପାରିବେ। ଏହା ଛୋଟ ସହର ଏବଂ ଗ୍ରାମାଞ୍ଚଳର ରୋଗୀମାନଙ୍କୁ ସେମାନଙ୍କ ନିଜ ଘର ପାଖରେ ଉନ୍ନତ ଚିକିତ୍ସା ପାଇବାକୁ ସକ୍ଷମ କରିବ।

ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି କେବଳ ପ୍ରମୁଖ ସହରଗୁଡ଼ିକ ପାଇଁ ପୂର୍ବରୁ ସୀମିତ ରହିଥିବା ଜଟିଳ ରୋଗର ଆଧୁନିକ ଚିକିତ୍ସାକୁ ଅନ୍ୟ ଅଂଚଳରେ ଉପଲବ୍ଧ ହେବାରେ ରହିଥିବା ପ୍ରତିବନ୍ଧକକୁ ଦୂର କରିବା। ରୋଗୀମାନଙ୍କୁ ଆଉ ଚିକିତ୍ସା ପାଇଁ ଦୀର୍ଘ ଦୂରତା ଅତିକ୍ରମ କରିବାକୁ ପଡ଼ିବ ନାହିଁ ଏବଂ ସେମାନେ ସମୟୋଚିତ ବିଶେଷଜ୍ଞ ଚିକିତ୍ସା ସେବା ପାଇପାରିବେ।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରଥମ ଟେଲି-ରୋବୋଟିକ୍ ଅସ୍ତ୍ରୋପଚାର ଗୁଜରାଟର ଜାମନଗରର କମ୍ୟୁନିଟି ମେଡିକାଲ ସେଣ୍ଟରରେ ସଫଳତାର ସହ କରାଯାଇଥିଲା। ହସ୍ପିଟାଲର ୟୁରୋଲୋଜି-ଅଙ୍କୋଲୋଜି ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ଏହି ସଫଳତା ଭାରତରେ ଟେଲି ମେଡିସିନ୍ ଏବଂ ରୋବୋଟିକ୍ ଅସ୍ତ୍ରୋପଚାର କ୍ଷେତ୍ରରେ ଏକ ନୂତନ ଉଦାହରଣ ସୃଷ୍ଟି କରିଛି।



ଅତ୍ୟାଧୁନିକ ରୋବୋଟିକ୍ ପ୍ରଯୁକ୍ତିବିଦ୍ୟା ଏବଂ ରିଲାଏନ୍ସ ଜିଓର ସୁରକ୍ଷିତ, ଦ୍ରୁତ ଏବଂ ବାସ୍ତବ-ସମୟ ଡାଟା ପ୍ରସାରଣ ଅସ୍ତ୍ରୋପଚାର ସମୟରେ ସମ୍ପୂର୍ଣ୍ଣ ସଠିକତା ଏବଂ ବାସ୍ତବ-ସମୟ ସହାୟତା ସମ୍ଭବ କରିଥିଲା। ସାର୍ ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେସନ୍ ହସ୍ପିଟାଲର ବିଶେଷଜ୍ଞ ଦଳ ଏହି ପ୍ରକ୍ରିୟାରେ ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମ ଜାମନଗର ଏବଂ ଆଖପାଖ ଅଞ୍ଚଳରେ କାର୍ଯ୍ୟରତ ଡାକ୍ତରୀ ଦଳଗୁଡ଼ିକର ତାଲିମ ଏବଂ କ୍ଷମତା ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିବ।

ସଂସ୍ଥାଗତ ସ୍ତରରେ, ଏହି ଟେଲି-ରୋବୋଟିକ୍ ଅସ୍ତ୍ରୋପଚାର କାର୍ଯ୍ୟକ୍ରମ ଡିଜିଟାଲ୍ ପ୍ରଯୁକ୍ତିର ସର୍ବୋତ୍ତମ ବ୍ୟବହାର ଏବଂ ମହାନଗର କ୍ଷେତ୍ର ବାହାରେ ବିଶେଷଜ୍ଞ ଚିକିତ୍ସା ପ୍ରଦାନ ପାଇଁ ସାର୍ ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେସନ୍ ହସ୍ପିଟାଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ପଦକ୍ଷେପ ଆତ୍ମନିର୍ଭର ଭାରତ ର ଦୃଷ୍ଟିକୋଣ ଅନୁରୂପ କାରଣ ଏହା ପ୍ରକୃତ-ସମୟ ଟେଲି-ଟ୍ରାନ୍ସମିସନ୍ ପାଇଁ ସକ୍ଷମ ଏକ ଭାରତରେ ବିକଶିତ ରୋବୋଟିକ୍ ଅସ୍ତ୍ରୋପଚାର ପ୍ରଣାଳୀ ବ୍ୟବହାର କରୁଛି।

ଏହି ଅବସରରେ, ସ୍ୱାସ୍ଥ୍ୟସେବା ପଦକ୍ଷେପର ଗ୍ରୁପ୍ ସିଇଓ ଏବଂ ସାର୍ ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେସନ୍ ହସ୍ପିଟାଲର ସିଇଓ ଡକ୍ଟର ତରଙ୍ଗ ଜ୍ଞାନଚନ୍ଦାନୀ କହିଛନ୍ତି: 'ଉନ୍ନତ ସ୍ୱାସ୍ଥ୍ୟସେବା ସେବା କୌଣସି ସ୍ଥାନ ପର୍ଯ୍ୟନ୍ତ ସୀମିତ ହେବା ଉଚିତ୍ ନୁହେଁ। ବର୍ଷ ବର୍ଷ ଧରି, ବିଶେଷ ଶଲ୍ୟ ଚିକିତ୍ସା କିଛି ସହର ମଧ୍ୟରେ ସୀମିତ ରହିଛି, ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ସମୟାନୁସାରେ ଚିକିତ୍ସା ପାଇବାରୁ ବଞ୍ଚିତ କରୁଛି। ଆମର ଟେଲି-ରୋବୋଟିକ୍ ସର୍ଜରୀ କାର୍ଯ୍ୟକ୍ରମ ମାଧ୍ୟମରେ, ଆମେ ଏହାକୁ ପରିବର୍ତ୍ତନ କରୁଛୁ। ସ୍ୱଦେଶୀ ଉଦ୍ଭାବନ, ଉନ୍ନତ ରୋବୋଟିକ୍ ପ୍ରଯୁକ୍ତି ଏବଂ ସୁରକ୍ଷିତ ଡିଜିଟାଲ୍ ଭିତ୍ତିଭୂମି ବ୍ୟବହାର କରି, ଆମେ ସମଗ୍ର ଦେଶରେ ଏକ ନୂତନ ଉପାୟରେ ଜଟିଳ ଶଲ୍ୟ ଚିକିତ୍ସା ସେବା ଆଣୁଛୁ।

ମୁମ୍ବାଇରେ ଅବସ୍ଥିତ ଆମର ସର୍ଜନମାନେ ଏବେ ଦେଶର ବିଭିନ୍ନ ସ୍ଥାନରେ ରୋଗୀଙ୍କ ଅସ୍ତ୍ରୋପଚାର କରିପାରିବେ। ଏହା ବିଶ୍ୱସ୍ତରୀୟ ବିଶେଷଜ୍ଞତାକୁ ଯେଉଁଠାରେ ସବୁଠାରୁ ଅଧିକ ଆବଶ୍ୟକ ସେଠାରେ ପହଞ୍ଚାଇବ। ଏହି ପଦକ୍ଷେପ ଆମର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ପ୍ରଯୁକ୍ତିକୁ ସମବେଦନା ଏବଂ ଦାୟିତ୍ୱର ସହିତ ଲୋକଙ୍କ ସେବାରେ ଉପଯୋଗ କରାଯିବା ଉଚିତ, ଯାହା ରୋଗୀମାନଙ୍କୁ ସେମାନଙ୍କ ଘର ପାଖରେ ନିର୍ଭରଯୋଗ୍ୟ ଏବଂ ଗୁଣାତ୍ମକ ସେବା ପାଇବା ନିଶ୍ଚିତ କରିବ।'

ଜିଓ ପ୍ଲାଟଫର୍ମର ସିଓଓ ଅନିଶ ଶାହ କହିଛନ୍ତି: 'ଜାମନଗର ଭଳି ଏକ ଦୂରବର୍ତ୍ତୀ ସ୍ଥାନରେ ଏକ ଟେଲି-ରୋବୋଟିକ୍ ସର୍ଜରୀ କାର୍ଯ୍ୟକ୍ରମର ସଫଳ ପରିଚାଳନା ଦର୍ଶାଉଛି ଯେ ଜିଓର ଡିଜିଟାଲ୍ ଭିତ୍ତିଭୂମି କିପରି ସାରା ଦେଶରେ ଅତ୍ୟାବଶ୍ୟକ ସେବା ଉପଲବ୍ଧତାରେ ପରିବର୍ତ୍ତନ ଆଣିପାରିବ। ଆମର ଲକ୍ଷ୍ୟ ସର୍ବଦା ଏକ ପ୍ରଯୁକ୍ତିରେ ସଂଯୁକ୍ତ ଏବଂ ସଶକ୍ତ ଭାରତ ନିର୍ମାଣ କରିବା, ଯେଉଁଠାରେ ବିଶ୍ୱସ୍ତରୀୟ ବିଶେଷଜ୍ଞତା ଏବଂ ଅତ୍ୟାବଶ୍ୟକ ସେବା ପ୍ରତ୍ୟେକ ନାଗରିକଙ୍କ ପାଇଁ ଉପଲବ୍ଧ ହେବ, ସେମାନେ ଯେଉଁଠାରେ ରହୁଥିଲେ ମଧ୍ୟ। ରିମୋଟ୍ ରୋବୋଟିକ୍ ସର୍ଜରୀ ପାଇଁ ଆବଶ୍ୟକ ସୁରକ୍ଷିତ ଏବଂ ଅତ୍ୟଧିକ ଦ୍ରୁତ ସଂଯୋଗ ପ୍ରଦାନ କରି, ଆମେ ସମସ୍ତଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ଉପଲବ୍ଧତାରେ ଏକ ନୂତନ ଉଦାହରଣ ସୃଷ୍ଟି କରିଛୁ। ଏହି ସହଯୋଗ ପ୍ରଦର୍ଶିତ କରିଛି ଯେ ପରବର୍ତ୍ତୀ ପିଢ଼ିର ଡିଜିଟାଲ୍ ପ୍ରଯୁକ୍ତି କିପରି ଦୂରତାକୁ କମ କରିପାରିବ ଏବଂ ରୋଗୀଙ୍କ ପାଇଁ ଜୀବନ ରକ୍ଷାକାରୀ ତଥା ସଠିକ୍ ଚିକିତ୍ସା ନିକଟକୁ ଆଣିପାରିବ। ଆମେ ଏହି ସଫଳତାର ଏକ ଅଂଶ ହୋଇଥିବାରୁ ଗର୍ବିତ ଏବଂ ଜୀବନକୁ ଉନ୍ନତ କରିବା ତଥା ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜବୁତ କରୁଥିବା ନବସୃଜନକୁ ସମର୍ଥନ କରିବା ଜାରି ରଖିବୁ।

# ନୂଆ ବର୍ଷର ସେଲିବ୍ରେସନକୁ ଖାସ କରିବ ଆଲମଣ୍ଡ ଅରେ କେକ୍

**ଭୁବନେଶ୍ୱର, ୨୮।୧୨ (ନି.ପ୍ର) :** ଡାର୍କ ଚକଲେଟ ଆଲମଣ୍ଡ ଅରେ କେକ୍ ସହିତ ଚଳିତ ନୂଆ ବର୍ଷର ଆରମ୍ଭକୁ ଆନନ୍ଦମୟ କରନ୍ତୁ । ଆଲମଣ୍ଡ ଅଟା, ରିଚ ଡାର୍କ ଚକଲେଟ , ତାଜା ଅରେ ଜେଷ୍ଟ ଏବଂ ମ୍ୟାପଲ ସିରପର ସମ୍ମିଶ୍ରଣରେ ପ୍ରସ୍ତୁତ ଏହି ବିଶେଷ କେକ ଚଳିତ ନୂଆ ବର୍ଷର ଉତ୍ସାହକୁ ଆହୁରୀ ଦ୍ୱିଗୁଣିତ କରିଦେବ । ସେଫ କବିତା ସିଂହଙ୍କ ଦ୍ୱାରା ଏହି ରେସିପିକୁ ଖୁବ ଭଲ ଭାବରେ ପ୍ରସ୍ତୁତ କରାଯାଇଛି । ଘିଅ, ଅଣ୍ଡା ଏବଂ ଆଲମଣ୍ଡ ଅଟାର ମିଶ୍ରଣରେ ପ୍ରସ୍ତୁତ ହୋଇଥିବା ଏହି କେକ ରିଚ ଚକଲେଟ – ସିଟ୍ରସ ଫ୍ଲେଭର ସହିତ ଅତ୍ୟନ୍ତ ନରମ ଓ ସ୍ୱାଦିଷ୍ଟ ହୋଇଥାଏ ।



ଏ ସଂପର୍କରେ ନିଜ ମତ ସେୟାର କରି ମାକ୍ସ ହେଲଥକେୟାରର ଡାଏଟେଟିକ୍ସର ଆଂଚଳିକ ମୁଖ୍ୟ ରିତିକା ସମାଦ୍ଦର କହିଛନ୍ତି, 'ଉତ୍ସବକାଳୀନ ଖାଦ୍ୟର ଅର୍ଥ ଅତ୍ୟଧିକ କିମ୍ବା ସାଲିସ କରିବା ନୁହେଁ। କାଲିଫର୍ନିଆ ଆଲମଣ୍ଡ ହେଉଛି ପ୍ରୋଟିନ୍, ଫାଇବର, ଭଲ ଚର୍ବି, ଭିଟାମିନ୍ ଇ ଏବଂ ଅତ୍ୟାବଶ୍ୟକୀୟ ଖଣିଜ ପଦାର୍ଥର ଏକ ପ୍ରାକୃତିକ ଉତ୍ସ, ଯାହା ସେମାନଙ୍କୁ ଉତ୍ସବକାଳୀନ ରେସିପିରେ ଏକ ସ୍ମାର୍ଟ ଯୋଡି କରିଥାଏ। ଏହା ହୃଦୟକୁ ସୁସ୍ଥ ରଖିବା ସହ ନିରନ୍ତର ଶକ୍ତି ପ୍ରଦାନ କରେ । ବେକିରେ ଆଲମଣ୍ଡର ବ୍ୟବହାର କଲେ ଲୋକମାନେ ପୁଷ୍ଟିକର ଓ ସୁସ୍ଥ ଖାଦ୍ୟ ସହିତ ଉତ୍ସବର ମଜା ଉପଭୋଗ କରିପାରିବେ। ଡାର୍କ ଚକଲେଟ ଆଲମଣ୍ଡ ଅରେ କେକ୍ ର ପ୍ରସ୍ତୁତ ପ୍ରଣାଳୀ ୬୦ ମିନିଟ। ଏହି କେକ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ୧୮୦ ଗ୍ରାମ ଆଲମଣ୍ଡ ଅଟା, ଚାରିଟି ଅଣ୍ଡା , ୧୦୦ ଗ୍ରାମ ଡାର୍କ ଚକଲେଟ ଏବଂ ୧୧୩ ଏମଏଲ ମ୍ୟାପଲ୍ ସିରପ୍, ୪୦ ଏମଏଲ ଘିଅ , ୪ ଗ୍ରାମ ତାଜା ଅରେଂଜ ଜେଷ୍ଟ, ୪୭ ଏମଏଲ ଅରେଂଜ ଜୁସ, ୫ ଏଲଏମ ଭାନିଲା ଏସେନ୍ସ ୩.୮୪ ଗ୍ରାମ ବେକିଂ ସୋଡା ୦.୧ ଗ୍ରାମ ଲୁଣିକୁ ଭଲ ଭାବେ ମିଶାନ୍ତୁ। ଡାର୍କ ଚକୋଲେଟ୍‌କୁ ମାଇକ୍ରୋୱେଭ୍ କିମ୍ବା ଡବଲ୍ ବୋଇଲିଂ ପ୍ରଣାଳୀରେ ଗୋଳାଇ, ତାପରେ ତାଜା ଅରେଂଜ ଜେଷ୍ଟ ଓ ଘିଅ ମିଶାନ୍ତୁ। ପରେ ଶୁଖିଲା ଓ ଓଦା ସାମଗ୍ରୀକୁ ଏକାଠି କରି ସମାନ ବ୍ୟାଟର ପ୍ରସ୍ତୁତ କରନ୍ତୁ। ଏହି ବ୍ୟାଟରକୁ ୮-ଇଂଚର କେକ୍ ଟିନ୍‌ରେ ଢାଳି, ହାଲୁକାରେ ଟ୍ୟାପ୍ କରି ସମାନ କରନ୍ତୁ। ପ୍ରିହିଟ୍ ହୋଇଥିବା ଓଭାନରେ ୧୮୦ସେ.ରେ ୪୫ ମିନିଟ୍ ବେକ୍ କରନ୍ତୁ। ବେକ୍ ହେବା ପରେ ବାହାର କରି ସମ୍ପୂର୍ଣ୍ଣ ଥଣ୍ଡା କରନ୍ତୁ। ପରେ ଖଣ୍ଡ କରି କାଟି ପରିବେଷଣ କରନ୍ତୁ। ଏହି ସ୍ୱାଦିଷ୍ଟ କେକ୍‌ରେ ଚକୋଲେଟ୍ , ଆଲମଣ୍ଡ ଅଟା ଓ କମଳାର ସୁନ୍ଦର ସମନ୍ୱୟ ଆନନ୍ଦକୁ ଦୁଗୁଣ କରିଥାଏ।

## 'ଉଦ୍ୟୋଗର ବିକାଶ ଓଡ଼ିଶାର ବିକାଶ' ଶୀର୍ଷକ ଆଲୋଚନା

**ଭୁବନେଶ୍ୱର, ୨୮।୧୨ (ନି.ପ୍ର):** ଓଡ଼ିଶା ଉଦ୍ୟୋଗୀ ପରିବାର ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ସଭାପତି ଶିବ ନାରାୟଣ ମିଶ୍ରଙ୍କ ପୌରହିତ୍ୟ ଓ ଶ୍ରୀକାନ୍ତ ଶେଖର ସାହୁଙ୍କ ସଂଯୋଜନାରେ ଉଦ୍ୟୋଗର ବିକାଶ-ଓଡ଼ିଶାର ବିକାଶ ଶୀର୍ଷକ ଆଲୋଚନା ଚକ୍ର ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଉଦ୍ୟୋଗୀ ମନରେ ଦୃଢ଼ ସଂକଳ୍ପ ନେବା ସହିତ ତାହାକୁ ବାସ୍ତବ କ୍ଷେତ୍ରରେ ରୂପାୟନ କରିବା, ଶିକ୍ଷା ସହିତ ନିୟମିତ ଅଭ୍ୟାସ ଜାରୀ ରଖିଲେ ଜଣେ ଶ୍ରେଷ୍ଠ ଉଦ୍ୟୋଗୀ ହୋଇପାରିବେ ବୋଲି ଅଧକ୍ଷ ଶ୍ରୀଯୁକ୍ତ ମିଶ୍ର ମତବ୍ୟକ୍ତ କରିବା ସହିତ ଉଦ୍ୟୋଗୀଙ୍କ ସୁରକ୍ଷା, ସମୃଦ୍ଧି, ସମ୍ମାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତିପାଇଁ ଉଦ୍ୟୋଗୀଙ୍କ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଜେ.ଏସ୍.ଜେ. ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅରଚିଡ଼ ବାଇଓଟେକ ନିର୍ଦ୍ଦେଶକ କିଶୋର କୁମାର ସୁତାର, ଡିଜିଟାଲ ମାର୍କେଟିଙ୍ଗ ମୁଖ୍ୟ ସତ୍ୟଜିତ ପରିଜା ଯୋଗ ଦେଇ ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା ଓ କିପରି ତାହାକୁ ପ୍ରତିହତ କରି ଆଗକୁ ଯାଇପାରିବେ ତାହା ଉପରେ ଆଲୋକପାତ କରିବା ସହିତ ବିଭିନ୍ନ ପ୍ରୋଜେକ୍ଟ ଦ୍ୱାରା ଉପକୃତ ହେବା ନେଇ କହିଥିଲେ। ସଙ୍ଗଠିତ ଭାବରେ ରହିବା ସହିତ ସରକାରଙ୍କ ବିଭିନ୍ନ ଯୋଜନାକୁ ବୁଝିବା ସହ ନିଜ ଉପରେ ଭରଷା, ବିଶ୍ୱାସ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀଯୁକ୍ତ ସୁତାର ନିଜ ସଫଳ କାହାଣୀ କହିଥିଲେ।



ଏହି ଅବସରରେ ପ୍ରାଉଡ ପରଚେଜର ଭାବେ ଧିରେନ ଶଙ୍କର ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସିଇଓ ଦିଲେଶ୍ୱର ପ୍ରଧାନ, ନୀଳକଣ୍ଠ ନାୟକ, ବିଜୟ ସାହୁ, ଅମୀୟ ମିଶ୍ର, ବି.ପି. ସିଂ ପ୍ରମୁଖ ନିଜନିଜ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସୀତାଂଶୁ ଶେଖର ମହାରଣା ପରିଚାଳନା କରିଥିଲେ। ବିଭିନ୍ନ ସ୍ଥାନରୁ ଉଦ୍ୟୋଗୀ ମାନେ ନିଜନିଜ ବକ୍ତବ୍ୟ ରଖିଥିଲେ।

# ଶ୍ରଦ୍ଧା କପୁରଙ୍କ 'ମି ଟାଇମ, ରିଚ ମାରି ଟାଇମ୍' : ବିସ୍କ ଫାର୍ମର ହୃଦୟସ୍ପର୍ଶୀ ଚା ବିରତି ଅଭିଯାନ

**ଭୁବନେଶ୍ୱର, ୨୮।୧୨ (ନି.ପ୍ର) :** ଭାରତର ଅତ୍ୟନ୍ତ ପ୍ରିୟ ଓ ଘରୋଇ ବିସ୍କୁଟ ବ୍ରାଣ୍ଡଗୁଡ଼ିକ ମଧ୍ୟରୁ ଅନ୍ୟତମ ବିସ୍କ ଫାର୍ମ ବଲିଉଡର ସୁପରଷ୍ଟାର ଶ୍ରଦ୍ଧା କପୁରଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ଯୋଡ଼ି ନିଜର ସମୃଦ୍ଧ ଐତିହ୍ୟର ୨୫ ବର୍ଷ ଉତ୍ସବ ପାଳନ କରୁଛି। ଏହି ସହଯୋଗ ବ୍ରାଣ୍ଡର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଦର୍ଶାଉଛି ଯାହା ନୂଆପଣ, ବିଶ୍ୱାସ ଏବଂ ସମକାଳୀନ ଆକର୍ଷଣକୁ ପ୍ରତିଫଳିତ କରୁଛି। ଏହି ମୂଲ୍ୟଗୁଡ଼ିକ ବିସ୍କ ଫାର୍ମ ଓ ଶ୍ରଦ୍ଧା କପୁର ଉଭୟଙ୍କ ସହିତ ସମାନୟ ନିଜର ଆକର୍ଷଣ, ବହୁମୁଖୀତା ଏବଂ ବିଭିନ୍ନ ବୟସର ଦର୍ଶକମାନଙ୍କ ସହିତ ଦୃଢ଼ ସମ୍ପର୍କ ପାଇଁ ପରିଚିତ ଶ୍ରଦ୍ଧା କପୁର ପାରମ୍ପରିକତା ଓ ଆଧୁନିକତାର ନିଖୁଣ ମିଶ୍ରଣକୁ ପ୍ରତିନିଧିତ୍ୱ କରନ୍ତି ଯାହା ବ୍ରାଣ୍ଡର ମୂଳ ଧାରଣା ସହିତ ସମାନ। ଫିଲ୍ମରେ ଶ୍ରଦ୍ଧା କପୁରଙ୍କୁ ନିଜର ମି ଟାଇମ୍ ଉପଭୋଗ କରୁଥିବାର ଦେଖାଯାଇଛି ଯାହା ତାଙ୍କୁ ନିଜର ସର୍ବୋତମ ସୃଜନଶୀଳ ଆତ୍ମାକୁ ପ୍ରକାଶ କରିବାରେ ସାହାଯ୍ୟ କରୁଛି, ଏକ ସ୍ୱତଃସ୍ଫୂର୍ତ୍ତ ନୃତ୍ୟ ମାଧ୍ୟମରେ ଯେଉଁଠି ସେ ସମ୍ପୂର୍ଣ୍ଣ ଭାବେ ନିଜର ଜୋନରେ ନିମଗ୍ନ ହୋଇଯାଇଛନ୍ତି ଏବଂ ଦୁନିଆ। ପ୍ରତି କୌଣସି ଚିନ୍ତା ନାହିଁ। ଏହି ମୁହୂର୍ତ୍ତ ଗୁଡ଼ିକ ମାଧ୍ୟମରେ ଫିଲ୍ମଟି ତାଙ୍କର ମି ଟାଇମ-ରିଚ ମାରି ଟାଇମ୍ ରୀତିକୁ ଧରିଛି ଯେଉଁଠି ଏକ କପ୍ ଚା ଓ ଏକ ରିଚ ମାରି ବିସ୍କୁଟ ସାଧାରଣ ଦୁନିଆରୁ ବିରତି ନେବାର ଏକ ଉତମ ଉପାୟ ପ୍ରଦାନ କରୁଛି। କାହାଣୀଟି ଉଷ୍ମତା ଏବଂ ମଜାଦାର ଆତ୍ମ-ପ୍ରକାଶଣକୁ ମିଶାଇ ଦେଖାଇଛି କିପରି ପ୍ରତ୍ୟେକ ଚା ମୁହୂର୍ତ୍ତ ରିଚ ମାରି ଟାଇମରେ ପରିଣତ ହୋଇଯାଏ ଓ ବିରତିକୁ ଅଧିକ ସମୃଦ୍ଧ ଏବଂ ଅଧିକ ଉପଭୋଗ୍ୟ କରିଥାଏ। ବିସ୍କ ଫାର୍ମ ରିଚ ମାରି ମାରି ବିସ୍କୁଟ୍ ବର୍ଗରେ ଏକ ବିଶିଷ୍ଟ ନାମ ଭାବେ ପ୍ରତିଷ୍ଠିତ ହୋଇଛି। ଭାରତର ଅତ୍ୟନ୍ତ ପ୍ରିୟ ରୀତି ଚା ସମୟକୁ ପୁରାଣ କରିବା ପାଇଁ ଚିନ୍ତାଶୀଳ ଭାବେ ଏହା ପ୍ରସ୍ତୁତ ହୋଇଛି। ଏକ ସଂସ୍କୃତି ଯେଉଁଠି 'ମି ଟାଇମ' ନିରବଚ୍ଛିନ୍ନ ଭାବେ 'ଚା ଟାଇମ'ରେ ପରିଣତ ହୋଇଯାଏ,ଲ ରିଚ୍ ମାରି ଏକ ସରଳ ବିରତିକୁ ବ୍ୟକ୍ତିଗତ ସାନ୍ତ୍ୱନା ଏବଂ ଦୈନନ୍ଦିନ ଉଷ୍ମତାର ଏକ ମୁହୂର୍ତ୍ତରେ ପରିଣତ କରିଥାଏ। ଏହି ସହଯୋଗ ବିଷୟରେ ଏସ୍ଏଜେ ଫୁଡ୍ ପ୍ରଡକ୍ଟସ୍ (ପି) ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିଜୟ ସିଂହ କହିଛନ୍ତି ଯେ, ରିଚ ମାରି ଏହି ବିଶ୍ୱାସକୁ ଦର୍ଶାଉଛି ଯେ ନିଜ ପାଇଁ ସମୟ ନେବା ଏକ ବିଳାସ ନୁହେଁ କିନ୍ତୁ ଆଜିର ଦ୍ରୁତଗତିର ଜୀବନରେ ଏକ ଆବଶ୍ୟକତା। ଏକ ଗୃହିଣୀ ହେଉ ଅଥବା ଏକ କାର୍ଯ୍ୟରତ ପ୍ରଫେସନାଲ ହେଉ କିମ୍ବା ଏକ ବ୍ୟସ୍ତବହୁଳ ଦିନ ବିତାଉଥିବା କୌଣସି ବ୍ୟକ୍ତି ହୁଅନ୍ତୁ ଏହି ଛୋଟ ମି ଟାଇମ ରୀତିଗୁଡ଼ିକ ବିରତି ନେଇ ନିଜର ସର୍ବୋତମ ଆତ୍ମା ସହିତ ପୁନଃସଂଯୋଗ କରିବା ପାଇଁ ଅତ୍ୟାବଶ୍ୟକୟ ଶ୍ରଦ୍ଧା କପୁର ଏହି ପ୍ରାମାଣିକତା ଏବଂ ସନ୍ତୁଳନକୁ ଅନାୟାସେ ପ୍ରତିନିଧିତ୍ୱ କରନ୍ତି ଯାହା ତାଙ୍କୁ ରିଚ୍ ମାରିର 'ମି ଟାଇମ୍' ଦର୍ଶନକୁ ଜୀବନ୍ତ କରିବା ପାଇଁ ନିଖୁଣ ଆଧାର କରିଛି। ଅଭିନେତ୍ରୀ ଶ୍ରଦ୍ଧା କପୁର କହିଛନ୍ତି ଯେ, ମୋ ପାଇଁ ମି-ଟାଇମ୍ ସର୍ବଦା ସତରେ ମୋର ଅନୁଭବ ହେଉଥିବା ମୁହୂର୍ତ୍ତଗୁଡ଼ିକୁ ଉପଭୋଗ କରିବା ବିଷୟରେ। ରିଚ୍ ମାରି ସେହି ବିରତିଗୁଡ଼ିକୁ ଆହୁରି ବିଶେଷ କରିଥାଏ। ଚା ସହିତ ହେଉ ଅବା କେବଳ ଏକ ସରଳ ବିରତି ହେଉ, ପ୍ରତ୍ୟେକ ରିଚ୍ ମାରି ମୋତେ ନିଜ ପାଇଁ ଏକ ମୁହୂର୍ତ୍ତ ନେବା, ପୁନର୍ଜୀବିତ ହେବା ଏବଂ ମୋର ସର୍ବୋତମ ଆତ୍ମା ସହିତ ପୁନଃ ସଂଯୋଗ କରିବାକୁ ମନେ ପକାଇଥାଏ। ଏହା ମୋର ସାନ୍ତ୍ୱନା ଏବଂ ବ୍ୟକ୍ତିଗତ ଆରାମ ଏକ ଛୋଟ ରୀତି। ଶ୍ରଦ୍ଧା କପୁରଙ୍କୁ ନେଇ ନୂଆ। ଅଭିଯାନ ସମ୍ପର୍କୀୟ ଏବଂ ହୃଦୟସ୍ପର୍ଶୀ ବିଷୟ ମି ଟାଇମ୍ – ରିଚ୍ ମାରି ଟାଇମ୍ ଉପରେ ନିର୍ମିତ ଟେଲିଭିଜନ୍, ଡିଜିଟାଲ୍, ପ୍ରିଣ୍ଟ ଏବଂ ସୋସିଆଲ ମିଡିଆ। ପ୍ଲାଟଫର୍ମ ଆଦି ଏକାଧିକ ପ୍ଲାଟଫର୍ମରେ ଲାଇଭ୍ ହୋଇଛି।




## ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏମ୍ଏସ୍ଏମ୍ଇ ପାଇଁ 'ଡିଜିଟାଲ୍ ମର୍ଚ୍ଚାଣ୍ଟ କ୍ୟାସ୍ ଆଡଭାନ୍ସ ଲୋନ୍' ଶୁଭାରମ୍ଭ

**ଭୁବନେଶ୍ୱର, ୨୮।୧୨ (ନି.ପ୍ର) :** ଭାରତର ପ୍ରମୁଖ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମଧ୍ୟରୁ ଗୋଟିଏ, ଆକ୍ସିସ୍ ବ୍ୟାଙ୍କ, ଡିଜିଟାଲ୍ ମର୍ଚ୍ଚାଣ୍ଟ କ୍ୟାସ୍ ଆଡଭାନ୍ସ ଲୋନ୍ ସୁବିଧା ଶୁଭାରମ୍ଭ ଘୋଷଣା କରିଛି, ଏହା ଏକ ଶିଳ୍ପ-ପ୍ରଥମ, ନଗଦ-ପ୍ରବାହ-ଆଧାରିତ ଋଣ ସମାଧାନ ଯାହା ବିଶେଷକରି ସମଗ୍ର ଭାରତରେ ସୂକ୍ଷ୍ମ ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ପ୍ରସ୍ତୁତ କରାଯାଇଛି। ଏହି ଅଭିନବ, ସମ୍ପୂର୍ଣ୍ଣ ଡିଜିଟାଲ୍ ଉତ୍ପାଦ ୨ ଲକ୍ଷ ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅସୁରକ୍ଷିତ ଋଣ ପ୍ରଦାନ କରେ, ଯାହା ବ୍ୟବସାୟୀ ମାନଙ୍କୁ, ବିଶେଷକରି ଖୁଚୁରା ଦୋକାନଗୁଡ଼ିକୁ, ଶୀଘ୍ର ଋଣ ପାଇବା ଏବଂ ସେମାନଙ୍କ ବ୍ୟବସାୟିକ ନଗଦ ପ୍ରବାହ ସହିତ ସଂଯୁକ୍ତ ଦୈନନ୍ଦିନ କିସ୍ତି ମାଧ୍ୟମରେ ପରିଶୋଧ କରିବାକୁ ସୁଯୋଗ ପ୍ରଦାନ କରିଥାଏ।

ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଡିଜିଟାଲ୍ ଅଟେ ଯାହାର ଯୋଗ୍ୟତା ପାରମ୍ପରିକ ଆର୍ଥିକ ବିବରଣୀ ବଦଳରେ ନଗଦ-ପ୍ରବାହ ଏବଂ ଅନ୍ୟାନ୍ୟ ପାରାମିଟର ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇଥାଏ। ଋଣ ଯାତ୍ରାର ଏକ ଅଂଶ ଭାବରେ ଗ୍ରାହକମାନଙ୍କୁ ଅନବୋର୍ଡିଂ ଠାରୁ ବଣ୍ଟନ ପର୍ଯ୍ୟନ୍ତ ଏକ ସୁଗମ ଏଣ୍ଡ-ଟୁ-ଏଣ୍ଡ ଅଭିଜ୍ଞତା ସୁନିଶ୍ଚିତ କରି ଆକ୍ସିସ୍ ବ୍ୟାଙ୍କ କରେଣ୍ଟ ଆକାଉଣ୍ଟ ମଧ୍ୟମରେ ସେବା ପ୍ରଦାନ କରାଯିବ। ଆବେଦନକାରୀ ମାନେ କିଛି ମିନିଟ୍ ମଧ୍ୟରେ ଋଣ ମୁରୀ ପାଇ କିଛି ଦିନ ମଧ୍ୟରେ ଋଣ ପ୍ରାପ୍ତ କରିବେ। ପରିଶୋଧ ସ୍ୱୟଂଚାଳିତ ଭାବରେ ଦୈନିକ କିସ୍ତି ମାଧ୍ୟମରେ ସଂଗୃହିତ ହୁଏ ଯାହା ବ୍ୟବସାୟୀମାନଙ୍କୁ ଭାରୀ ଇଏମଆଇ ପରିବର୍ତ୍ତେ ପ୍ରକୃତ ବିକ୍ରୟ ଆଧାରରେ ପରିଶୋଧ କରିବାକୁ ଅନୁମତି ଦିଏ। ଏହି ପ୍ରତିଦିନର କିସ୍ତି (ଇଡ଼ିଆଇ) ମଡେଲ୍ ପରିଶୋଧ ବିକଳ୍ପ ପ୍ରଦାନ କରେ ଏବଂ ସ୍ଥିର କାର୍ଯ୍ୟକାରୀ ପୁଁ ବଜାୟ ରଖିବାରେ ସାହାଯ୍ୟ କରେ। ଏନେଇ ଆକ୍ସିସ୍ ବ୍ୟାଙ୍କର ବାଣିଜ୍ୟିକ ବ୍ୟାଙ୍କିଂ ଗ୍ରୁପ୍ ସଭାପତି ଏବଂ ମୁଖ୍ୟ ବିଜୟ ସେଟ୍ଟି କହିଛନ୍ତି, 'ଡିଜିଟାଲ୍ ମର୍ଚ୍ଚାଣ୍ଟ କ୍ୟାସ୍ ଆଡଭାନ୍ସ ଲୋନ୍ ତୁରନ୍ତ ଋଣ ସୁବିଧା ଏବଂ ଚଳନ୍ତି ଆକାଉଣ୍ଟଗୁଡ଼ିକୁ ଏକ ସୁଗମ, ଡିଜିଟାଲ୍ ସମାଧାନରେ ଏକତ୍ରିତ କରେ, ଯାହା ବ୍ୟବସାୟୀଙ୍କ ବ୍ୟବସାୟିକ ଆବଶ୍ୟକତା ସହିତ ସଂଯୁକ୍ତ ଦୈନିକ ପରିଶୋଧ ବିକଳ୍ପ ଦ୍ୱାରା ସମର୍ଥିତ। ନଗଦ-ପ୍ରବାହ-ଆଧାରିତ ଅଣ୍ଡରରାଇଟିଂକୁ ଉପଯୋଗ କରି, ଆମେ ଏମ୍ଏସ୍ଏମ୍ଇ ପାଇଁ ସମୟାନୁସାରେ ପାଣ୍ଠିକୁ ଅଧିକ ସୁଗମ କରିବାକୁ ଲକ୍ଷ୍ୟ ରଖିଛୁ।

# ସୋଆ ଆଇଭିଏସ୍ଏଏଚ୍‌ରେ ସ୍ପା ଏବଂ ଗ୍ରୁମିଂ ସେଣ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର, ୨୮।୧୨ (ନି.ପ୍ର) :** ଘରେ ରହୁଥିବା ଗେଲବସରିଆ ପୋଷା ପ୍ରାଣୀଙ୍କ ଉପଯୁକ୍ତ ଯତ୍ନ ଏବଂ ସ୍ୱାସ୍ଥ୍ୟ ପରିଚାଳନା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍ଏଏଚ୍) ରେ ଖୋଲିଛି ସ୍ପା ଏବଂ ଗ୍ରୁମିଂ ସେଂଟର।

ପ୍ରାଣୀ ବିଜ୍ଞାନୀ ବିଶେଷଜ୍ଞଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତ୍ୟାଧୁନିକ କୁଶଳୀ ଏବଂ ପ୍ରଶିକ୍ଷତ ବୃତିଗତ ଗ୍ରୁମର ଏହି ସେଂଟରରେ କାର୍ଯ୍ୟ କରୁଥିବା ସୂଚନା ଦେଇଛନ୍ତି ଆଇଭିଏସ୍ଏଏଚ୍‌ର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ। ପ୍ରାଣୀ ଏବଂ ପକ୍ଷୀ ନିଜର ଭାବନାକୁ ପ୍ରକାଶ କରିପାରନ୍ତି ନାହିଁ ଏବଂ ଯେତେବେଳେ ସେମାନେ କଷ୍ଟ ପାଆନ୍ତି ପ୍ରାଣୀ ଚିକିତ୍ସକମାନେ ହିଁ ତାଙ୍କ ସମସ୍ୟା ଏବଂ କଷ୍ଟକୁ ବୁଝି ପାରନ୍ତି ବୋଲି କହିଛନ୍ତି ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ। ଏହି ସେଂଟରର ସବୁ ୟୁନିଟ ଗୁଡ଼ିକ ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ଏଠାରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ସେବା ଓ ଚିକିତ୍ସା ପ୍ରଦାନ କରାଯିବ।

ପ୍ରାଣୀମାନଙ୍କ କ୍ଷେତ୍ରରେ କେଶ ଝଡ଼ିବା, କାନରୁ ତୈଳ ନିର୍ଗତ ହେବା, କେଶ ଏବଂ ନଖ ବଢ଼ିବା ହେଉଛି ପ୍ରାକୃତିକ ପ୍ରକ୍ରିୟା ଏବଂ ଏହାର ସଠିକ୍ ଉପଚାର ନ କରାଗଲେ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହୋଇଥାଏ। ସେହିପରି ଭାରତର ଜଳବାୟୁରେ ବାରମ୍ବାର ପରିବର୍ତ୍ତନ ଯୋଗୁଁ ପୋକ, ଉକୁଣି ଏବଂ ମଶା ଭଳି ବାହ୍ୟ ପରଜୀବି ଗୋଟିଏ ଅଂଚଳରୁ ଅନ୍ୟ ଅଂଚଳକୁ ଘୂରି ବୁଲିଥାନ୍ତି ଯାହାକି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଏହି ପରଜିବୀ ଗୁଡ଼ିକ ରକ୍ତ ଶୋଷିବା ସହ ଶରୀରର ଚର୍ମକୁ ନଷ୍ଟ କରିଥାନ୍ତି, ଶରୀରରେ ଆଲର୍ଜି ବୃଦ୍ଧି କରିବା ସହ ବେବ୍ସିୟୋସିସ, ଆନାପ୍ଲାସ୍‌ମୋସିଷ୍ଟ ଏବଂ ଏହରିଲିସିୟୋସିସ ଭଳି ବ୍ୟାଧି ଦ୍ୱାରା ସଂକ୍ରମିତ କରିଥାନ୍ତି ଯାହାକି ପରବର୍ତ୍ତୀ ସମୟରେ ଶରୀରର ଅନ୍ୟ ଅଂଗଗୁଡ଼ିକୁ ନଷ୍ଟ କରିବା ଦିଗରେ ଅଗ୍ରଗତି କରିଥାଏ। ଏଥି ନିମନ୍ତେ ନିୟମିତ ଚିକିତ୍ସା ଏବଂ ଯତ୍ନର ଆବଶ୍ୟକତା ରହିଥିବା ଆଇଭିଏସ୍ଏଏଚ୍‌ର ଚିଫ୍ ମେଡିକାଲ୍ ଅଫିସର ପ୍ରଫେସର ନିରନ ସାହୁ କହିଛନ୍ତି। ଏହି ସ୍ପା ଏବଂ ଗ୍ରୁମିଂ ସେଂଟରରେ ଗୃହପାଳିତ ପ୍ରାଣୀମାନଙ୍କ ଶରୀରକୁ ସଫା କରିବା, କେଶ କାଟିବା, ନଖ କାଟିବା, କାନ ସଫା କରିବା, ମୁଖର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ଏବଂ ହେୟାର ବ୍ରସିଂ ଭଳି ସମସ୍ତ ପ୍ରକାର ସୁବିଧା ଉପଲବ୍ଧ। ସ୍ମଲ, ମିଡିୟମ୍ ଏବଂ ଲାର୍ଜ ସମସ୍ତ ପ୍ରକାରର ବ୍ରିଡ୍‌ମାନଙ୍କ ନିମନ୍ତେ ଏହି ସୁବିଧା ଉପଲବ୍ଧ ଅଛି। ଗୃହପାଳିତ ପ୍ରାଣୀମାନଙ୍କ ଯତ୍ନ ନିମନ୍ତେ ଇଚ୍ଛୁକ ଥିବା ବ୍ୟକ୍ତିମାନେ ବିଭିନ୍ନ ପ୍ରକାରର ହେୟାର କଟ୍ ନିମନ୍ତେ ମଧ୍ୟ ଅନୁରୋଧ କରିପାରିବେ। ସେମାନଙ୍କର ଚର୍ମ, କାନ ଏବଂ ନଖର ଯତ୍ନ ସହ ସ୍ୱାସ୍ଥ୍ୟ ସେବା ମଧ୍ୟ ଏଠାରେ ଉପଲବ୍ଧ। ଏହି ସ୍ପା ସେଂଟରରେ ସେମାନଙ୍କ ଡେଡ୍ ସ୍କିନ୍ ଏବଂ ଶରୀରରେ ଜମି ଥିବା ଅପରିଷ୍କାର ବସ୍ତୁକୁ ବାହାର କରାଯିବା ସହ ରକ୍ତ ସଂଚାଳନକୁ ତ୍ୱରାନ୍ୱିତ କରାଯାଇଥାଏ, କେଶ ଝଡିବା କମ୍ କରିବା ଦିଗରେ ମଧ୍ୟ ଯତ୍ନ ନିଆଯାଇଥାଏ। ଏଥି ସହିତ ଶରୀରର ଚର୍ମରେ କୌଣସି ପ୍ରକାର ସମସ୍ୟା ଏବଂ ଗଣ୍ଡି, ଭାତୁଡ଼ି, ପୋକ ସୃଷ୍ଟି ହୋଇଥିଲେ ତାହାର ମଧ୍ୟ ଚିକିତ୍ସା ଏଠାରେ କରାଯାଇଥାଏ। ସେହିପରି ନଖ କାଟିବା ଏବଂ ଟ୍ରିମ୍ କରିବା ଦ୍ୱାରା ଗୃହପାଳିତ ପ୍ରାଣୀମାନଙ୍କର ଆର୍ଥ୍ରାଇଟିସ୍ ଏବଂ ଅସ୍ଥି ଜନିତ ସମସ୍ୟାର ସମ୍ଭାବନା କମିବା ସହ କାନକୁ ସଫା କରିବା ଦ୍ୱାରା ସଂକ୍ରମଣର ଭୟ ମଧ୍ୟ କମିଥାଏ। ସ୍ପା ସେଂଟରକୁ ଏହି ପ୍ରାଣୀମାନେ ନିୟମିତ ଆସିଲେ ସେମାନେ ବେଶ ସୁନ୍ଦର ଏବଂ ସୁସ୍ଥ ହୋଇ ରହିବେ ବୋଲି ପ୍ରଫେସର ସାହୁ କହିଛନ୍ତି। ଏହି ସେବା ସପ୍ତାହର ପ୍ରତ୍ୟେକ ଦିନ ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏ ଉପଲବ୍ଧ। ଗୃହପାଳିତ ପ୍ରାଣୀ ମାନଙ୍କର ତତ୍ତ୍ୱାବଧାରକ ମାନେ କୌଣସି ପ୍ରକାର ସେବା ନିମନ୍ତେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡରୀ, କ୍ୟାମ୍ପସ-୪ ସୋଆ ବିଶ୍ୱବିଦ୍ୟାଳୟକୁ ଆସିପାରିବେ। ଏଥି ସହିତ ମୋବାଇଲ ନମ୍ବର ୭୬୦୮୯୨୧୭୭୭ରେ ଯୋଗାଯୋଗ କରିପାରିବେ ବୋଲି ପ୍ରଫେସର ସାହୁ ସୂଚନା ଦେଇଛନ୍ତି।




## ଆଇଆଇଟି ଭୁବନେଶ୍ୱରରେ ଚିନ୍ତା, ଧାରଣା ଏବଂ ବାସ୍ତବତା ସମ୍ବନ୍ଧରେ ଆନ୍ତର୍ଜାତୀୟ ଆଲୋଚନାଚକ୍ର




**ଭୁବନେଶ୍ୱର, ୨୮।୧୨ (ନି.ପ୍ର):** ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭୁବନେଶ୍ୱରର ସ୍କୁଲ ଅଫ୍ ହ୍ୟୁମାନିଟିଜ୍, ସୋସିଆଲ ସାଇନ୍ସେସ୍ ଏବଂ ମ୍ୟାନେଜମେଣ୍ଟ (ଏସଏଚଏସଏସଏମ), ଭକ୍ତିବେଦାନ୍ତ ଇନଷ୍ଟିଚ୍ୟୁଟ୍, ଭୁବନେଶ୍ୱରର ଫାଉଣ୍ଡେସନ୍ ଅଫ୍ ସାଇନ୍ସ ଆଣ୍ଡ କନସିଅସ ସେଣ୍ଟରର ସହଯୋଗରେ, ୨୭ ଡିସେମ୍ବର ୨୦୨୫ରେ ଆନ୍ତର୍ଜାତୀୟ ଚିନ୍ତାଧାରା, ଧାରଣା ଏବଂ ବାସ୍ତବତା ସମ୍ମିଳନୀ (ଆଇସିଟିପିଆର ୨୦୨୫) ଉଦଘାଟନ କରିଛି। ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି, ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ନାନୋମାଟେରିଆଲ୍ସର ଏମିରେଟସ୍ ପ୍ରଫେସର ଆଣ୍ଡ୍ରୁ ବ୍ରିଗସ୍; ସମ୍ମାନିତ ଅତିଥି, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ (୨୦୨୫) ଏବଂ ପୂର୍ବତନ ଅଧକ୍ଷ, ଏମ୍ସ ଦିଲ୍ଲୀ ପ୍ରଫେସର (ଡକ୍ଟର) ଅଶୋକ କୁମାର ମହାପାତ୍ର; ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଏବଂ ଭକ୍ତିବେଦାନ୍ତ ପ୍ରତିଷ୍ଠାନର ସଭାପତି ଶ୍ରୀ ବାସୁଦେବ ରାଓ ପ୍ରମୁଖ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀ ମାନଙ୍କୁ ସ୍ୱାଗତ କରି ପ୍ରଫେସର ଶ୍ରୀପଦ କରମଲକର ଆଇଆଇଟି ଭୁବନେଶ୍ୱରର ଅନନ୍ୟ କ୍ୟାମ୍ପସ୍ ଇକୋସିଷ୍ଟମ ଉପରେ ଆଲୋକପାତ କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଏକ ପ୍ରତିଷ୍ଠାନର ପ୍ରକୃତ ଶକ୍ତି ଭିତ୍ତିଭୂମି ବାହାରେ, ଏହାର ସାମୂହିକ ଶୃଙ୍ଖଳା, ଗବେଷଣା କଠୋରତା ଏବଂ ଅଭ୍ୟାସର ଅଖଣ୍ଡତାରେ ରହିଛି। ଭାରତୀୟ ଏବଂ ପାଶ୍ଚାତ୍ୟ ଦାର୍ଶନିକ ପରମ୍ପରାରୁ ଆହରଣ କରି, ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରଭାବଶାଳୀ ଶୈକ୍ଷିକ ନେତୃତ୍ୱ କଠୋର ମାନଦଣ୍ଡ ଏବଂ ସ୍ୱଚ୍ଛ ମତାମତ ମାଧ୍ୟମରେ ସାଂଗଠନିକ ବାସ୍ତବତାକୁ ସହଭାଗୀ ଧାରଣା ସହିତ ସମନ୍ୱୟ କରିବା ଉପରେ ନିର୍ଭର କରେ, ଯାହା ଅନୁପାଳନକୁ ଅର୍ଥପୂର୍ଣ୍ଣ ଅବଦାନରେ ପରିଣତ କରେ।

ଏହି ସମ୍ମିଳନୀ ପ୍ରଖ୍ୟାତ ବିଦ୍ୱାନ, ଶିକ୍ଷାବିତ୍ ଏବଂ ଚିନ୍ତାନାୟକମାନଙ୍କୁ ଏକତ୍ରିତ କରି ଚିନ୍ତାଧାରା, ଅନୁଭବ ଏବଂ ବାସ୍ତବତାର ପ୍ରକୃତି, ଦର୍ଶନ, ମନସ୍ତତ୍ତ୍ୱ, ବିଜ୍ଞାନ, ଚେତନା ଅଧ୍ୟୟନ ଏବଂ ମାନବିକତା ଉପରେ ଆନ୍ତଃ-ଶାଖାନୁପୁଙ୍ଖ ପ୍ରତିଫଳନରେ ନିୟୋଜିତ କରିଥିଲା। ମୁଖ୍ୟ ଅତିଥି ପ୍ରଫେସର ବ୍ରିଗସ୍ ଅନୁଭବ ଏବଂ ବାସ୍ତବତା ମଧ୍ୟରେ ସମ୍ପର୍କ ଉପରେ ପ୍ରତିଫଳିତ ହୋଇଥିଲେ, ପର୍ଯ୍ୟବେକ୍ଷକ ପ୍ରଭାବ ଏବଂ ଅନ୍ତର୍ନିହିତ ଅନିଶ୍ଚିତତାକୁ ଉଜାଗର କରିବା ପାଇଁ କ୍ୱାଣ୍ଟମ୍ ତତ୍ତ୍ୱରୁ ଅନ୍ତର୍ଦୃଷ୍ଟି ଆଙ୍କିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ବ୍ୟକ୍ତିଗତ ପସନ୍ଦ ଗୁଡ଼ିକ କିପରି ବସ୍ତୁଗତ ବାସ୍ତବତାକୁ ଆକାର ଦେଇପାରେ, ଏକ ଆପାତତଃ ଅନିୟମିତ ବିଶ୍ୱରେ ବୈଜ୍ଞାନିକ ଅନ୍ତର୍ଦୃଷ୍ଟି ଏବଂ ଆଧ୍ୟାତ୍ମିକ ଜ୍ଞାନ ମଧ୍ୟରେ ସଂଯୋଗ ଆଙ୍କିଥିଲା।

